**୧୬**

# ୧୮୫୭ ମସିହା ପର୍ଯ୍ୟନ୍ତ ଭାରତରେ ବ୍ରିଟିଶ ଶାସନର ସଂସ୍ଥାପନ

ଭାରତରେ ଇଂରେଜମାନଙ୍କର ଔପଚାରିକ ଶାସନ ଆରମ୍ଭ ହେବା ପୂର୍ବରୁ ଭାରତୀୟ-ଇଉରୋପୀୟ ଆର୍ଥିକ ସମ୍ବନ୍ଧର ଏକ ପୃଷ୍ଠଭୂମି ରହିଥିଲା । ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୬୦୦ ମସିହାରେ ସ୍ଥାପିତ ହୋଇଥିଲା । ଏହାକୁ ମଧ୍ୟ ଜନ କମ୍ପାନୀ ବୋଲି କୁହା ହେଉଥିଲା । ଏହା ସଂଯୁକ୍ତ ସେୟର କମ୍ପାନୀ ଭାବରେ ଲଣ୍ଡନର ବ୍ୟବସାୟୀମାନେ ସ୍ଥାପନା କରି ପ୍ରାଚ୍ୟ ଭାରତୀୟ ଅଞ୍ଚଳରେ ବ୍ୟବସାୟ କରୁଥିଲେ । ଏହି ସମୟରେ ପର୍ତ୍ତୁଗୀଜ, ଡଚ, ଫରାସୀ ଏବଂ ଡେନିସ ପରି ଇଉରୋପୀୟମାନେ ଭାରତରେ ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରୁଥିଲେ । ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରଥମେ ସନ ୧୬୧୨ରେ ନିଜର ପଦ ବିସ୍ତାର କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେହି ବର୍ଷ ତତ୍କାଳୀନ ମୋଗଲ ବାଦସାହା ଜାହାଙ୍ଗୀର ବ୍ରିଟିଶ୍ ମହାରାଣୀ ଏଲିଜାବେଥ ପ୍ରଥମଙ୍କ ରାଜଦୂତ ସାର ଟମାସରୋଙ୍କୁ ସୁରଟରେ ବ୍ୟବସାୟ କେନ୍ଦ୍ର ସ୍ଥାପନ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ । ଭାରତରେ ଇଂରେଜ ରାଜତ୍ୱର ଔପଚାରିକ ଶୁଭାରମ୍ଭ ସନ୍ ୧୭୫୭ରେ ପଲାସୀ ଯୁଦ୍ଧ ପରେ ହୋଇଥିବାର ଜଣାଯାଏ । ପଲାସୀ ଯୁଦ୍ଧ ପରେ ବଙ୍ଗଳାର ନବାବ ନିଜ ଅଞ୍ଚଳକୁ ଇଂରେଜମାନଙ୍କୁ ସମର୍ପିତ କରିଥିଲେ । ଏହାପରେ ଏହି ବ୍ୟବସାୟିକ କମ୍ପାନୀ ଧୀରେ ଧୀରେ ରାଜନୈତିକ ଶକ୍ତିରେ ବଦଳିଗଲା ଏବଂ ଭାରତକୁ ଶାସନ କଲା । ବର୍ତ୍ତମାନ ଏହା ପାଖରେ ସହାୟକ ସରକାର ତଥା ସୈନ୍ୟ ଶକ୍ତି ରହିଥିଲା ଏବଂ ଏହା ୧୮୫୮ ମସିହା କମ୍ପାନୀ ସରକାରର ବିଘଟନ ପର୍ଯ୍ୟନ୍ତ ସହାୟତା କରି ଆସୁଥିଲା । ଏହାପରେ ଇଂରେଜ ସରକାରଙ୍କ ଭାରତ ସରକାର ଅଧିନିୟମ ୧୮୫୮ ବଳରେ ଭାରତକୁ ଇଂରେଜ ସରକାରଙ୍କ ଅଧିନସ୍ଥ କରାଗଲା ।

## ଉଦ୍ଦେଶ୍ୟ

ଉକ୍ତ ପାଠ୍ୟ ଅଧ୍ୟୟନ ପୂର୍ବକ ତୁମେ

- ଭାରତରେ ରାଜନୈତିକ ଏବଂ ବ୍ୟବସାୟିକ କ୍ଷେତ୍ରରେ ୟୁରୋପୀୟ ଭାଗିଦାରମାନଙ୍କୁ ଜାଣିପାରିବ ।
- ଅଷ୍ଟାଦଶ ଶତାବ୍ଦୀରେ ଇଂରେଜ ଏବଂ ଫରାସୀମାନଙ୍କ ମଧ୍ୟରେ ସଂଘର୍ଷର କାରଣମାନ ଜାଣି ପାରିବ ।
- ବଙ୍ଗଳାରେ ଇଂରେଜ ଶକ୍ତିର ଉଦୟ ସମ୍ପର୍କରେ ଜାଣିବ ।
- ଭାରତରେ ଇଂରେଜ ଶକ୍ତିର ବିସ୍ତାର ସମ୍ପର୍କରେ ଜାଣିପାରିବ ।
- ଲର୍ଡ ୱେଲେସଲିଙ୍କ ଦ୍ୱାରା ହୋଇଥିବା ସହାୟକ ସନ୍ଧିଗୁଡିକ ଜାଣିପାରିବ ।



ନୋଟସ୍



- ଲର୍ଡ ଡେଲ ହାଉସୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ରାଜସ୍ୱଲୋପ ନୀତି ଅଧ୍ୟୟନ କରିବ, ଭାରତରେ ଇଂରେଜ ଶାସନର ବିସ୍ତାରର କାରଣମାନ ଜାଣି ପାରିବ।

## ୧୬.୧ ଏସିଆ ସହିତ ଇଉରୋପୀୟ ପୂର୍ବ ବାଣିଜ୍ୟିକ ନୂତନ ଚରଣ

ଷୋଡଶ ତଥା ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟିକ ମାର୍ଗରେ ଅଧିକାର ସ୍ଥାପିତ କରିବା ସତ୍ତ୍ୱେ ଇଉରୋପୀୟମାନେ ଦୀର୍ଘକାଳୀନ ଭାରତ ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀଙ୍କ ଢ଼ାଞ୍ଚାକୁ ବଦଳାଇବାର ସୁଯୋଗ ପାଇନଥିଲେ। ଇଉରୋପରେ ଭାରତୀୟ ବସ୍ତୁଗୁଡ଼ିକର ଚାହିଦା, ଭାରତରେ ଇଉରୋପୀୟ ବସ୍ତୁଗୁଡ଼ିକର ଚାହିଦା ତୁଳନାରେ ଅନେକ ଅନ୍ତର ଥିଲା। ବ୍ୟବସାୟୀମାନେ ଇଉରୋପରେ ଭାରତୀୟ ବସ୍ତୁଗୁଡ଼ିକୁ ବିକ୍ରିକରି ଅନେକ ଲାଭ କରୁଥିଲେ। କାରଣ ଇଉରୋପୀୟ ବସ୍ତୁଗୁଡ଼ିକ ତୁଳନାରେ ଭାରତୀୟ ବସ୍ତୁଗୁଡ଼ିକ ଉତ୍କୃଷ୍ଟ ଗୁଣବତ୍ତା ତଥା ସ୍ୱଳ୍ପ ମୂଲ୍ୟରେ ମିଳୁ ଥିଲା। ଏହାର ଫଳ ସ୍ୱରୂପ ଭାରତକୁ ଇଉରୋପର ଅର୍ଥ ଆଗମନ ସହିତ ଇଉରୋପୀୟ ବ୍ୟାପାରୀମାନେ କଡ଼ା ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇଥିଲେ କାରଣ ସେମାନେ ଭାରତୀୟ ବସ୍ତୁମାନଙ୍କର ମୂଲ୍ୟ ସହିତ ସେଗୁଡ଼ିକର ସମତା ରକ୍ଷା ହୋଇ ପାରୁନଥିଲା କିମ୍ବା ଗୁଣବତ୍ତାର ମୁକାବିଲା ମଧ୍ୟ ହୋଇ ପାରୁନଥିଲା।

ବାସ୍ତବିକ ନିଜ ସ୍ଥାପନାର ୫୦ ବର୍ଷ ପର୍ଯ୍ୟନ୍ତ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତରେ ଉପନିବେଶ ପ୍ରତିଷ୍ଠାର ରୁଚି ରଖିନଥିଲା ପରନ୍ତୁ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ପ୍ରଣିତ ନୀତିକୁ ଅନୁସରଣ କରି କେବଳ ବାଣିଜ୍ୟ ବ୍ୟବସାୟରେ ନିୟୋଜିତ ହେବାକୁ ପସନ୍ଦ କରୁଥିଲା। ୧୬୫୦ ବେଳକୁ ପରିବର୍ତ୍ତନ ଆସିଲା। ଏହି ସମୟରେ ପୁରୁଣା ରାଜତନ୍ତ୍ରର ଅନୁଗାମୀ ବ୍ୟବସାୟୀସାନଙ୍କର ଶକ୍ତି ଛିନ୍ନ ଭିନ୍ନ ହୋଇଗଲା ଏବଂ ବ୍ୟାପାରୀମାନଙ୍କର ଏକ ନୂତନ ବର୍ଗ କମ୍ପାନୀକୁ କବଳିତ କରି ବସିଲେ। ଏମାନେ ଆମେରିକା ତଥା ୱେଷ୍ଟଇଣ୍ଡିଜ ଉପନିବେଶର ବ୍ୟାପାରୀମାନଙ୍କ ଦ୍ୱାରା ସ୍ଥାପିତ ଢ଼ାଞ୍ଚା ଅନୁସରଣ କରି ଇଂଲଣ୍ଡ, ଆଫ୍ରିକା ତଥା ଭାରତକୁ ପରସ୍ପର ମଧ୍ୟରେ ଯୋଡି ଦେଲେ। ଔପନିବେଶିକ ମନ୍ତ୍ରର ଜାଲ ବିଛାଯାଇ ପରସ୍ପର ସମ୍ବନ୍ଧର ଜଟିଳ ଜାଲ ତନ୍ତ୍ର ବିକଶିତ କରାଗଲା।

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲବଂଶର ପତନହେଲା। ଏହି ରାଜନୈତିକ ଶୂନ୍ୟସ୍ଥାନକୁ ବଙ୍ଗଳା, ହାଇଦରାବାଦ, ଅବଧ, ପଞ୍ଜାବ ତଥା ମରହଟ୍ଟା ଭଳି ଆଞ୍ଚଳିକ ଶକ୍ତିଗୁଡ଼ିକ ପୂରଣ କରିପାରିଥିଲେ। କିନ୍ତୁ ଏହି ଶକ୍ତିଗୁଡ଼ିକ ଭାରତରେ ରାଜନୈତିକ ସ୍ଥିରତାର ପରିବେଶ ପ୍ରସ୍ତୁତି କରିପାରି ନଥିଲେ, ତଥା ଏମାନେ ସତ୍ତା ଲୋଲୁପ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀକୁ ଭାରତରେ ତାହାର ପଦ ପ୍ରସାରଣ ନିମିତ୍ତ ଉପଯୁକ୍ତ ଅବସର ପ୍ରଦାନ କରିଥିଲେ। ଏବେ ଭାରତରେ ଶାସନ କରିବା ନିମିତ୍ତ ଔପନିବେଶିକ ବିଧି ସଂହୀତାର ଆବଶ୍ୟକତା ଥିଲା, ଏବଂ ଏହା ମାଧ୍ୟମରେ ସଂସ୍ଥା ତଥା ନିୟମ ପ୍ରଣୟନର ଆବଶ୍ୟକତା ଥିଲା। ସେମାନେ ଇଂରେଜ ସାମ୍ରାଜ୍ୟ ବିସ୍ତାର ନିମିତ୍ତ ତିନୋଟି ଉପାୟ ଅବଲମ୍ବନ କଲେ। ସେଗୁଡ଼ିକ ଥିଲା (୧) ଯୁଦ୍ଧ ଏବଂ ବିଜୟ (୨) ସହାୟକ ସନ୍ଧି ପ୍ରଣାଳୀ (୩) ରାଜସ୍ୱଲୋପ ନୀତି ଅବଲମ୍ବନ କରି ବିଭିନ୍ନ ଅଞ୍ଚଳଗୁଡ଼ିକ ଅଧିଗ୍ରହଣ। ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ଭାବରେ ତତକ୍ଷଣାତ୍ ସାମରିକ ଅଭିଯାନ





କିମ୍ବା ରାଜ୍ୟଗୁଡ଼ିକୁ ପ୍ରତ୍ୟକ୍ଷ ଅଧିଗ୍ରହଣ ଥିଲା । ଏହି କ୍ଷେତ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବ୍ରିଟିଶ ଇଣ୍ଡିଆ କୁହାଯାଉଥିଲା । କାଳକ୍ରମେ କୁଟନୀତି ପ୍ରୟୋଗ ଦ୍ୱାରା ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଶାସକମାନଙ୍କ ସହିତ ସନ୍ଧି ତଥା ବୁଝାମଣା କରାଗଲା ।

### ପାଠଗତ ପ୍ରଶ୍ନ ୧୬.୧

୧. ଭାରତରେ ନିଜର ଶାସନ ସ୍ଥାପନା ନିମିତ୍ତ ଇଂରେଜମାନେ କେଉଁ ପନ୍ଥା ଅବଲମ୍ବନ କରିଥିଲେ ?

..........................................................................................

୨. ଅଷ୍ଟାଦଶ ଶତାବ୍ଦୀ ପ୍ରଥମାର୍ଦ୍ଧରେ ଭାରତର ପ୍ରମୁଖ ପ୍ରାନ୍ତିୟ ରାଜ୍ୟମାନଙ୍କର ନାମ ଲେଖ ?

..........................................................................................

## ୧୬.୨ ଦକ୍ଷିଣ ଭାରତରେ ଆଂଗଲ-ଫରାସୀ ସଂଘର୍ଷ

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ କେବଳ ଦୁଇଟି ଇଉରୋପୀୟ କମ୍ପାନୀ ଭାରତରେ ଥିଲେ । ଏମାନେ ଇଂରେଜ ଏବଂ ଫରାସୀ କମ୍ପାନୀ । ଭାରତୀୟ ସମ୍ବଳ ନିମିତ୍ତ ପରସ୍ପର ମଧ୍ୟରେ ପ୍ରତିଯୋଗୀତା କରୁଥିଲେ । ଇଂରେଜ-ଫରାସୀ ଶତ୍ରୁତାରୁ ତିନୋଟି କର୍ଣ୍ଣାଟକ ସମରର ରୂପ ନେଇ ଅଷ୍ଟାଦଶ ଶତାବ୍ଦୀରେ ଦକ୍ଷିଣ ଭାରତରେ ଇଂଲଣ୍ଡର ବିଜୟ ସ୍ୱରୂପ ଯୁଗାନ୍ତକାରୀ ଘଟଣାର ଜନ୍ମ ଦେଲା । ନିଜର ପ୍ରାଧାନ୍ୟ ବିସ୍ତାର ନିମିତ୍ତ ଇଷ୍ଟଇଣ୍ଡିଆ କମ୍ପାନୀ ଫରାସୀମାନଙ୍କୁ ଭାରତୀୟ କ୍ଷେତ୍ରରୁ ପରିସମାପ୍ତି କରିବା ଆବଶ୍ୟକ ହୋଇପଡିଲା । ଇଉରୋପରେ ସପ୍ତବର୍ଷୀୟ ଯୁଦ୍ଧର (୧୭୫୬-୧୭୬୩) ପରିଣାମ ସ୍ୱରୂପ ଭାରତରେ ମଧ ଇଂରେଜ ଓ ଫରାସୀମାନେ ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦିତାରେ ସାମିଲ ହୋଇଗଲେ । ୱାଣ୍ଡିୱାସ ଯୁଦ୍ଧ କ୍ଷେତ୍ରରେ ତୃତୀୟ କର୍ଣ୍ଣାଟ ଯୁଦ୍ଧରେ ଫରାସୀମାନଙ୍କୁ ପରାଜିତ କରି ଇଂରେଜମାନେ ଏକ ଶତାବ୍ଦୀ ପୁରୁଣା ସଂଘର୍ଷର ପରିସମାପ୍ତି ଘଟାଇଲେ । ଏହି ବିଜୟ ଇଂରେଜ ବଣିକ କମ୍ପାନୀକୁ ଅନ୍ୟ ଇଉରୋପୀୟ ବଣିକ କମ୍ପାନୀଗୁଡିକ ତୁଳନାରେ ଏକ ସୁଦୃଢ ସ୍ଥିତି ପ୍ରଦାନ କରିଥିଲା । ସାର୍ ଆୟାରକୁଟ ୧୭୫୦ରେ ୱାଣ୍ଡିୱାସ ଯୁଦ୍ଧରେ ଫରାସୀମାନଙ୍କୁ ପରାସ୍ତକଲେ ତଥା ପରବର୍ଷ ପଣ୍ଡିଚେରୀକୁ ଇଂଲଣ୍ଡ ତା'ର ଏକ ଅଂଶ କରିନେଲା । ଦକ୍ଷିଣରେ ଡ୍ୟୁପ୍ଲେକ୍ସ ତଥା ବୁସିଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟ ୧୭୬୦-୬୧ରେ ନଷ୍ଟ ହୋଇଗଲା । ଭାରତରେ ଫରାସୀ ସମ୍ପତ୍ତି ପ୍ୟାରିସ ସନ୍ଧି (୧୭୬୩) ଦ୍ୱାରା ପୁଣି ଫେରାଇ ଦିଆଗଲା । ଏହି କଳହ ଲଣ୍ଡନରେ ସମାଧାନ କରାଯାଇ ଇଷ୍ଟଇଣ୍ଡିଆ ସପକ୍ଷରେ ନିର୍ଣ୍ଣୟ ଦିଆଗଲା କାରଣ ଭାରତରେ ତା'ର ଶକ୍ତିଶାଳୀ ନୌସେନା, ପ୍ରଗତିଶୀଳ ସୈନ୍ୟଶକ୍ତି, ଉତ୍କୃଷ୍ଟ ନେତୃତ୍ୱ, ଇଂଲଣ୍ଡ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ ତଥା ବଙ୍ଗଳାର ନିୟନ୍ତ୍ରଣର ଫଳସ୍ୱରୂପ ପ୍ରଚୁର ସମ୍ବଳ ଥିଲା । କର୍ଣ୍ଣାଟ ସମର ଘଟଣାର ପରିଣାମ ସ୍ୱରୂପ ଭାରତୀୟ ଆଞ୍ଚଳିକ ଶକ୍ତିମାନଙ୍କର ଦୁର୍ବଳତା (ବିଶେଷ କରି ବିଶାଳ ସେନା ଥିବା ସତ୍ତ୍ୱେ କ୍ଷୁଦ୍ର ଇଉରୋପୀୟମାନଙ୍କ ସହିତ ଲଢ଼େଇ କରିବା ପାଇଁ ଅକ୍ଷମତା ତଥା ନୌ ସେନା ଅଭିଯାନ ନିମିତ୍ତ ଅସମର୍ଥତା) ସ୍ପଷ୍ଟ ହୋଇଗଲା ତଥା ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ରାଜନୈତିକ ଉପରେ ଏହା ଗମ୍ଭୀର ପ୍ରଭାବ ପକାଇଲା ।







### ପାଠଗତ ପ୍ରଶ୍ନ - ୧୬.୨

୧. ତୃତୀୟ କର୍ଣ୍ଣାଟ ସମର ସମୟରେ କେଉଁ ଯୁଦ୍ଧ ଇଂରେଜ ଏବଂ ଫରାସୀ ମଧ୍ୟରେ ହେଉଥିବା ଭାରତଉପରେ ପ୍ରାଧାନ୍ୟ ପାଇଁ କଳହର ପରିସମାପ୍ତି ଘଟାଇଲା ?

..........................................................................................

୨. କର୍ଣ୍ଣାଟ ସମରର ପରିଣାମ ଉପରେ ବିଚାର କର ।

..........................................................................................

୩. କର୍ଣ୍ଣାଟ ସମର ସଂଘର୍ଷରେ ଇଂରେଜମାନଙ୍କର ସଫଳତାର କାରଣ କ'ଣ ?

..........................................................................................

## ୧୬.୩ ବଙ୍ଗଳା ଉପରେ ଇଂରେଜର ଅଧିକାର: ପଲାସୀଠାରୁ ବକ୍ସାର ପର୍ଯ୍ୟନ୍ତ (୧୭୫୭-୧୭୬୫)

କୌଣସି ପ୍ରମୁଖ ଭାରତୀୟ ଶକ୍ତି ସହିତ ଇଂରେଜମାନଙ୍କର ପ୍ରଥମ ସଂଘର୍ଷ ବଙ୍ଗଳାରେ ହୋଇଥିଲା । ୧୭୫୭ରୁ ୧୭୬୩ ମଧ୍ୟରେ ନବାବମାନଙ୍କ ଦ୍ୱାରା ଇଂରେଜକୁ ଧିରେ ଧିରେ ରାଜ ହସ୍ତାନ୍ତରର ଇତିହାସ ଥିଲା ବଙ୍ଗଳାର ଇତିହାସ । ଆଠ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ, ତିନିଜଣ ସୁଲତାନ, ସିରାଜ-ଉଦ୍-ଦୌଲା, ମୀର-ଜାଫର ତଥା ମୀର-କାସିମ ବଙ୍ଗଳା ଉପରେ ଶାସନ କରିଥିଲେ । ମାତ୍ର ଏମାନେ ନବାବ ପଦର ପ୍ରଭୁସତ୍ତା ବଜାୟ ରଖିବାକୁ ଅସଫଳ ହୋଇଥିଲେ । ପରିଶେଷରେ ନବାବଙ୍କ ହାତରୁ ସତ୍ତା ଖସିଯାଇ ଇଂରେଜମାନଙ୍କ ହାତକୁ ଚାଲିଗଲା । ବ୍ୟାପାରରେ ଇଂରେଜମାନେ ଏସିଆର ବଣିକମାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରି ପାରିଲେ ନାହିଁ । ତେଣୁ ସେମାନେ ପଲାସୀ ବିଦ୍ରୋହର ଦ୍ୱାହି ଦେଇ ୧୭୫୭ ମସିହାରେ ବଙ୍ଗଳାକୁ ଜୋରଜବରଦସ୍ତ ନିଜ ଆୟତ୍ତକୁ ନେବାକୁ ଚାହିଁଲେ । ପରିଣାମ ସ୍ୱରୂପ ଇଂରେଜମାନେ ବଙ୍ଗଳାରେ ଜୟଲାଭ କଲେ । ମାତ୍ର ଯେଉଁ ବ୍ୟାପାର ପାଇଁ ସେମାନେ ଏ ସବୁ କରିବା ପାଇଁ ଲାଳାୟିତ ହୋଇଥିଲେ ସେହି ବ୍ୟାପାରର ପତନ ହୋଇଗଲା । ଯେତେବେଳେ ସିରାଜ-ଉଦ୍-ଦୌଲା ୧୭୫୬ରେ ଅଲୀ ବର୍ଦ୍ଦିଖାଁଙ୍କର ଉତ୍ତରାଧିକାରୀ ହେଲେ କମ୍ପାନୀ ତଥା ଏହାର କର୍ମଚାରୀଙ୍କ ଦ୍ୱାରା ବାଣିଜ୍ୟ ବ୍ୟବସାୟୀକ ସୁବିଧାର ଦୁରୂପଯୋଗ ପୂର୍ବ ସଂଘର୍ଷର ବିଷୟ ହୋଇଯାଇଥିଲା । କମ୍ପାନୀକୁ ମୋଗଲ ବାଦଶାହ ଫରୁକ୍‌ଶାୟାରଙ୍କ ଦ୍ୱାରା ତାଙ୍କର ଆୟ ଏବଂ ନିର୍ଯ୍ୟାତ ନିମିତ୍ତ କିଛି ବିଶେଷାଧିକାର ପ୍ରାପ୍ତ ହୋଇଥିଲା । ରାଜକୀୟ ପରମାନ ମୁତାବିକ କମ୍ପାନୀକୁ ବର୍ଷକୁ ମାତ୍ର ଟ. ୩୦୦୦ ପ୍ରଦାନ କରିବାର ଥିଲା ଏବଂ ଏହା ବଦଳରେ ସେମାନେ ବଙ୍ଗଳାରେ କରମୁକ୍ତ ବ୍ୟାପାର କରିପାରିବେ । କମ୍ପାନୀର କର୍ମଚାରୀମାନେ ଉକ୍ତ ବିଶେଷାଧିକାରର ପ୍ରୟୋଗ ତଟବର୍ତ୍ତୀୟ ବ୍ୟାପାର ପାଇଁ ମଧ୍ୟ ପ୍ରୟୋଗ କରିଦେଲେ । ପରିଶେଷରେ ଏସିଆ ତଥା ଅନ୍ତର୍ଦେଶୀୟ ବ୍ୟାପାରରେ ମଧ୍ୟ ସୁବିଧାର ସ୍ପଷ୍ଟ ଉଲଙ୍ଘନ କଲେ ।

ନବାବଙ୍କର ଅନୁମତି ବିନା କଲିକତା ଆଖପାଖରେ ଦୁର୍ଗ ନିର୍ମାଣ, ନବାବଙ୍କ ଅଧିକାରକୁ ଖୋଲାଖୋଲି ଅବମାନନା କରିବା ତଥା ତାଙ୍କର ଶତ୍ରୁମାନଙ୍କୁ ପ୍ରଶ୍ରୟ ଦେବା ଇତ୍ୟାଦି ଘଟଣାମାନ ନବାବଙ୍କୁ କ୍ରୋଧାନ୍ୱିତ କରିଥିଲା । କମ୍ପାନୀ ଅଧିକାରୀମାନଙ୍କ ପାଇଁ ଏହା ମଧ୍ୟ ସନ୍ଦେଶ ଥିଲା ଯେ ନବାବ ବଙ୍ଗଳାରେ ଫରାସୀମାନଙ୍କ ସହିତ ସନ୍ଧି ପାଇଁ ପ୍ରସ୍ତୁତ ହେଉଛନ୍ତି ।





କଲିକତା ଉପରେ ସିରାଜ ଉଦୌଲ୍ଲାଙ୍କ ଆକ୍ରମଣକୁ ଏକ ଖୋଲାଖୋଲି ସଂଘର୍ଷର ଅବତାରଣା କରାଗଲା । ନବାବଙ୍କ ବିରୋଧରେ ଷଡଯନ୍ତ୍ର ରଚନା ପୂର୍ବକ ଇଂରେଜମାନଙ୍କର ପ୍ରତିକ୍ରିୟା ଆରମ୍ଭ ହେଲା । ସେଥିରେ ନବାବଙ୍କ ନିକଟତମ-ରାୟ-ଦୁର୍ଲଭ, ଉମୀନଚାନ୍ଦ, ମୀର-ଜାଫର ତଥା ଜଗତ ସେଠ ସାମିଲ ଥିଲେ । ତେଣୁ ୧୭୫୭ରେ ଇଂରେଜମାନଙ୍କର ପଲାସୀ ଯୁଦ୍ଧରେ (୨୩ ଜୁନ, ୧୭୫୭) ବିଜୟ ପୂର୍ବନିର୍ଦ୍ଧାରିତ ଥିଲା । ଏହା ସୈନ୍ୟ ଶକ୍ତିର ପରାକାଷ୍ଠା ପରିବର୍ତ୍ତେ ଏକ ଷଡଯନ୍ତ୍ର ଥିଲା । ଏବଂ ଏହା ଇଂରେଜମାନଙ୍କୁ ଯୁଦ୍ଧ ଜୟଲାଭରେ ସହାୟତା କରିଥିଲା । ଇଂରେଜମାନଙ୍କୁ ସହାୟତା କରିଥିବା ଯୋଗୁଁ ସେନାପତି ମିରଜାଫର୍‌ଙ୍କୁ କ୍ଲାଇବ ନବାବ୍‌ପଦ ପ୍ରଦାନ କଲେ । ମୀର-ଜାଫର କମ୍ପାନୀକୁ ଉପହାର ସ୍ୱରୂପ ଏକକୋଟି ସତସ୍ତରି ଲକ୍ଷ ମୁଦ୍ରା ପ୍ରଦାନ କଲେ ତଥା କମ୍ପାନୀ ଅଧିକାରୀମାନଙ୍କୁ ଅନେକ ଲାଞ୍ଚ ଦେଲେ । ମାତ୍ର ମିରଜାଫର କମ୍ପାନୀ ଅଧିକାରୀମାନଙ୍କର ଅଧିକରୁ ଅଧିକ ମାଗଣକୁ ପୂର୍ଣ୍ଣ କରିବାରେ ଅସଫଳ ହେଲେ ତଥା ଇଂରେଜମାନେ ମଧ୍ୟ ଡଚ କମ୍ପାନୀ ପ୍ରତି ନବାବଙ୍କ ଅଧିକ ସମ୍ପର୍କ ବୃଦ୍ଧି ହେଉଥିବାର ସଂଶୟ ଥିଲା । ପଲାସୀ ଯୁଦ୍ଧ ପରେ ନବାବ ମିର-ଜାଫରଙ୍କୁ ୧୭୬୦ରେ ହଟାଇ ଦେଲେ ତଥା ଇଂରେଜ ଦ୍ୱାରା ମିରକାଶିମଙ୍କୁ ଏହି ବିଶ୍ୱାସରେ ସିଂହାସନ ପ୍ରଦାନ କଲେ କି ସେ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବେ । ନୂଆ ନବାବ ତାଙ୍କୁ ସହାୟତା ପୂର୍ବକ କମ୍ପାନୀକୁ ତା'ର ଦୈନିକ ଖର୍ଚ୍ଚ ନିମିତ୍ତ ବର୍ଦ୍ଧମାନ, ମିଦନାପୁର ଓ ଚିଟଗାଁ ଆଦିର ଅଧିକାର ପ୍ରଦାନକଲେ । ଉକ୍ତ ସନ୍ଧି ଇଂରେଜ ସେନାକୁ ଫରାସୀ ସେନା ବିରୁଦ୍ଧରେ ଅଭିଯାନ ପାଇଁ ସହାୟତା କରିଥିଲା (୧୭୬୦-୬୧) । ମୀରକାଶିମ ଦେଇଥିବା ଅର୍ଥ କଲିକତା ପରିଷଦକୁ ଦକ୍ଷିଣ ଭାରତରେ ହୋଇଥିବା ଯୁଦ୍ଧ ପାଇଁ ଆର୍ଥିକ ସହାୟତା ହୋଇଥିଲା । ନବାବଙ୍କୁ ଏକ ପ୍ରମୁଖ ପ୍ରଶାସନିକ ବ୍ୟବସ୍ଥା ସ୍ଥାପନ ନିମିତ୍ତ ସଫଳତା ପ୍ରାପ୍ତି ହେଲା ମାତ୍ର ବିଶେଷାଧିକାର ସମ୍ପର୍କରେ ଯେପରିକି କମ୍ପାନୀ ଦ୍ୱାରା କର ମୁକ୍ତ ବ୍ୟାପାର ବିଷୟରେ ଦ୍ୱନ୍ଦ ଉପୁଜିଲା । ପ୍ରତ୍ୟୁତ୍ତରରେ ମିର୍-କାଶିମ ଦୁଇ ବର୍ଷ ପାଇଁ ଭାରତୀୟ ତଥା ଇଂରେଜୀ ବ୍ୟାପାରକୁ କରମୁକ୍ତ କଲେ । ଏହି ପଦକ୍ଷେପ ଫଳରେ ଇଂରେଜ ବିଶେଷାଧିକାର ଉପରେ ଆଘାତ ଲାଗିଲା କାରଣ ସେମାନେ ଏହାକୁ ନିଜ ପାଇଁ ସଂରକ୍ଷିତ କରି ରଖିଥିଲେ । ଇଂରେଜମାନେ ଭାରତୀୟ ବଣିକମାନଙ୍କ ସହିତ ସମ ସର୍ତ୍ତାବଳୀରେ ପ୍ରତିଦ୍ୱନ୍ଦିତା କରିପାରିଲେ ନାହିଁ । ନବାବଙ୍କ ଦ୍ୱାରା ସେନାକୁ ସଂଗଠିତ କରିବାର ପ୍ରୟାସ ତଥା ମୁର୍ଶିଦାବାଦରୁ ମୁଙ୍ଗେରକୁ ରାଜଧାନୀ ସ୍ଥାନାନ୍ତରକୁ କମ୍ପାନୀ ଏକ ଅକ୍ଷମଣୀୟ ଅପରାଧ ରୂପେ ପରିଗଣିତ କଲା ।

ମେଜର ଆଡାମସଙ୍କ ନେତୃତ୍ୱରେ ଇଂରେଜ ସେନା ବଙ୍ଗଳାର ନବାବ ମିରକାଶିମଙ୍କୁ ଜୁନ୍ ୧୭୬୩ରେ ପରାସ୍ତ କଲେ । ମିରକାଶିମ ପାଟନାକୁ ପଳାୟନ କଲେ ଏବଂ ସମ୍ରାଟ ଦ୍ୱିତୀୟ ଶାହା ଆଲାମ୍ ଓ ସୁଜା-ଉଦ୍-ଦୌଲ୍ଲା (ଅବଧର ନବାବ ତଥା ମୋଗଲ ସାମ୍ରାଜ୍ୟର ୱାଜିର)ଙ୍କ ସହାୟତା ଲୋଡିଲେ । ଝଗଡା ଶିଖରରେ ପହଞ୍ଚିଲା ଯେତେବେଳେ ପାଟଣାରେ କମ୍ପାନୀର ମୁଖ୍ୟ ଅଧିକାରୀ ପାଟଣା ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରୟାସ କଲେ । ଏହା ଯୁଦ୍ଧର କାରଣ ହେଲା । ମୀରକାସିମ ଏକ କୁଶଳ ପ୍ରଶାସକ ଥିଲେ ପରନ୍ତୁ ଏକ ଯୋଗ୍ୟ ଏବଂ କୁଶଳ ସେନାପତି ନଥିଲେ । ତେଣୁ ତାଙ୍କ ସୈନ୍ୟମାନେ ପରାଜିତ ହେଲେ । ଯେତେବେଳେ ସେ ଅବଧ ଅଭିମୁଖେ ପଳାୟନ ପାଇଁ ବାଧ୍ୟ ହେଲେ ସେତେବେଳେ ଦ୍ୱିତୀୟ ସାହ ଆଲମ ତଥା ନବାବ ୱାଜୀର ନିଜର ପୂର୍ବ ଭାଗ ସୁବାର ପ୍ରତିରକ୍ଷା ପାଇଁ ସ୍ଥିର କଲେ । ଏହି ସଂଘର୍ଷ ପାଟଣ ପର୍ଯ୍ୟନ୍ତ ବ୍ୟାପିଗଲା ତଥା ୨୨ ଅକ୍ଟୋବର ୧୭୬୪ରେ ବକ୍ସର ଯୁଦ୍ଧ ଆରମ୍ଭ ହେଲା । ନବାବ

ଓ୍ଵଜୀର ରୋହେଲା ଅଞ୍ଚଳ ଆଡକୁ ପଳାୟନ କଲେ କିନ୍ତୁ ଦ୍ଵିତୀୟ ଶାହଆଲମ ଇଂରେଜ ସହିତ ସନ୍ଧି କଲେ । ବଙ୍ଗଳାର ତତ୍କାଳୀନ ଇଂରେଜ ଗଭର୍ଣ୍ଣର ଲର୍ଡ କ୍ଲାଇବ ଓ ଅବଧର ନବାବ ଓ୍ଵାଜୀର ସୁଜାଉଦ୍ଦୌଲ୍ଲାଙ୍କ ସହିତ ଏଲାହାବାଦଠାରେ ଏକ ସନ୍ଧି ଚୁକ୍ତି କଲେ । ଏହା ଫଳରେ ଯୁଦ୍ଧର କ୍ଷତି ପୂରଣ ସ୍ଵରୂପ ସେ ପଚାଶ ଲକ୍ଷ ଟଙ୍କା ଦେଇ ତାଙ୍କର ରାଜ୍ୟ ଫେରି ପାଇଲେ । ସେ କମ୍ପାନୀ ସହିତ ଏଭଳି ଏକ ରକ୍ଷାତ୍ମକ ବୁଝାମଣା କରିନେଲେ । ଅବଧ ଏବେ ଇଂରେଜମାନଙ୍କ ପାଇଁ ମଧ୍ୟବର୍ତ୍ତୀ ରାଜ୍ୟରେ ପରିଣତ ହେଲା । ଦ୍ଵିତୀୟ ଶାହ ଆଲାମ ବର୍ତ୍ତମାନ ଏକ ପଳାତକ । ଦିଲ୍ଲୀ ବର୍ତ୍ତମାନ ରହିଲାର ଶାସକ ନଜିବ-ଉଦ-ଦୌଲ୍ଲାଙ୍କ ଅଧିନ ହୋଇଗଲା । ଇଂରେଜମାନେ ଦ୍ଵିତୀୟ ଶାହା-ଆଲାମଙ୍କୁ କୋରା ଏବଂ ଏଲ୍ଲାହାବାଦ ପ୍ରଦାନ କଲେ । ଏହା ବାବଦରେ ସେ କମ୍ପାନୀକୁ ନିୟମିତ ବାର୍ଷିକ ୨୬ଲକ୍ଷ ଟଙ୍କା ପାଇବାର ପ୍ରତିଶୃତି ପାଇଲେ ବଙ୍ଗଳା, ବିହାର ଏବଂ ଓଡିଶାର ଦିଓ୍ଵାନି ପ୍ରଦାନ କଲେ ।




ମାନଚିତ୍ର ୧୬.୧ : ୧୭୮୩ ମସିହାରେ ଭାରତ



ନୋଟସ୍

### ପାଠଗତ ପ୍ରଶ୍ନ - ୧୬.୩

୧. ୧୭୫୭ରେ ବଙ୍ଗଳାର ଶାସକ ଥିଲେ:

(କ) ଶୁଜା-ଉଦ-ଦୌଲା (ଖ) ସିରାଜ-ଉଦ-ଦୌଲା

(ଗ) ମୀର କାଶିମ (ଘ) ମୀର ଜାଫର

୨. ପଲାସୀ ଯୁଦ୍ଧ କେବେ ହୋଇଥିଲା ?

(କ) ସନ ୧୭୫୭ରେ (ଖ) ସନ ୧୭୬୪ରେ

(ଗ) ସନ ୧୭୬୫ରେ (ଘ) ସନ ୧୭୭୧ରେ

୩. ପଲାସୀ ଯୁଦ୍ଧର କାରଣ କ'ଣ ଥିଲା ?

.................................................................................................

୪. ମୀରଜାଫରଙ୍କୁ ଗାଦିଚ୍ୟୁତ କଲାପରେ ୧୭୬୦ରେ ବଙ୍ଗଳାର ନବାବ କିଏ ହେଲେ ?

.................................................................................................

୫. ବକ୍ସାର ଯୁଦ୍ଧର କାରଣମାନ ଉଲ୍ଲେଖ କରନ୍ତୁ ।

.................................................................................................

## ୧୬.୪ ବଙ୍ଗଳାରେ ଦ୍ୱୈତ୍ୟ ଶାସନ ପ୍ରଣାଳୀ

ବଙ୍ଗଳାରେ କମ୍ପାନୀ ଶାସନ ସ୍ଥାପନାର ପ୍ରାରମ୍ଭରେ ମୋଗଲ ସାମ୍ରାଜ୍ୟର ପ୍ରଶାସନ ପଦ୍ଧତିକୁ ହିଁ କେବଳ ଅନୁସରଣ କରାଗଲା । ମୋଗଲ ପ୍ରଶାସନ ମୁଖ୍ୟତଃ ଦୁଇଟି ବିଭାଗରେ କାର୍ଯ୍ୟ କରୁଥିଲା, ନିଜାମତ ଓ ଦୀୱାନୀ । ବ୍ୟାପକ ଅର୍ଥରେ ନିଜାମତର ଅର୍ଥ କାନୁନ ବ୍ୟବସ୍ଥା ଓ ଆଇନ ଏବଂ ଶୃଙ୍ଖଳାର ପ୍ରଶାସନ ତଥା ଫୌଜଦାରୀ ବିଚାର ଯେତେବେଳେ ଦେୱାନୀ ରାଜସ୍ୱ ପ୍ରଶାସନ ତଥା ନାଗରିକ କାନୁନ ସମ୍ବନ୍ଧିତ ଥିଲା । ପ୍ରାଦେଶିକ ସୁବେଦାରମାନେ ନିଜାମତ ଦାୟିତ୍ୱରେ ଥିଲେ (ତାଙ୍କୁ ମଧ୍ୟ ନାଜିମ କୁହାଯାଉଥିଲା) ଏବଂ ଦିୱାନମାନେ ରାଜସ୍ୱ ପ୍ରଶାସନ ଅଧିକାରୀ ଥିଲେ । ଏଲାହାବାଦ ସନ୍ଧି ପରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗଳାର ଦେୱାନୀ ଦାୟିତ୍ୱ ନେଲେ । ମାତ୍ର ଲର୍ଡ କ୍ଲାଇଭ ବଙ୍ଗଳାର ପ୍ରଶାସନ ଭାର ସିଧାସଳଖ ଗ୍ରହଣ କରିବାକୁ ପସନ୍ଦ କଲେ ନାହିଁ । ଏହି ଦାୟିତ୍ୱ ନବାବଙ୍କର ନାଏବ ଦିୱାନ ଏବଂ ନାଏବ ନାଜିମ ମହମ୍ମଦ ରାଜା ଖାଁଙ୍କ ଉପରେ ନ୍ୟସ୍ତ କରାହୋଇଥିଲା । ନାଏବ ଦିୱାନ ଭାବରେ ନବାବଙ୍କର ପ୍ରତିନିଧିତ୍ୱ କରୁଥିଲେ । ଏପରି ଭାବରେ ନବାବଙ୍କୁ ଦେୱାନୀ ତଥା ଫୌଜଦାରୀ ଦୁଇପ୍ରକାରର ଆଇନକୁ ବୁଝିବାକୁ ପଡୁଥିଲା । ମାତ୍ର ସେ ନିଜ କାର୍ଯ୍ୟ ମହମ୍ମଦ ରାଜା ଖାଁଙ୍କ ମାଧ୍ୟମରେ ପରିଚାଳନା କରିବାର ଥିଲା ଯେ କି ଇଂରେଜ କମ୍ପାନୀ ନିୟନ୍ତ୍ରଣ, ନିର୍ଦ୍ଦେଶକ ତଥା ନିରୀକ୍ଷକ ଭାବରେ ରହିଥିଲେ । ଦିୱାନ ଦାୟିତ୍ୱରେ ଥାଇ କମ୍ପାନୀ ରାଜସ୍ୱ ଓସୁଲ ପ୍ରତ୍ୟକ୍ଷ ଭାବରେ କରୁଥିଲେ । ସେହି ସମୟରେ ଉପ-ନିଜାମ ନିଯୁକ୍ତି ଅଧିକାର ଦ୍ୱାରା ସେମାନେ ନିଜାମତ ଅର୍ଥାତ୍ ପୋଲିସ/ ନ୍ୟାୟିକ ଶକ୍ତି ଉପରେ ନିୟନ୍ତ୍ରଣ ରଖିଥିଲେ । ଏପରି ବ୍ୟବସ୍ଥା ଦ୍ୱୈତ୍ୟ ଶାସନ ପ୍ରଣାଳୀ ଭାବରେ

ବିଦିତ ହେଲା । ଏହି ପ୍ରଣାଳୀ ଦ୍ୱାରା ଇଂରେଜ ପାଖରେ କୌଣସି ଉତ୍ତର ଦାୟିତ୍ୱ ବିନା ଶକ୍ତି ଏବଂ ସଂସାଧନ ଥିଲା । ମାତ୍ର ନବାବଙ୍କ ପାଖରେ ବିନା ଶକ୍ତିରେ ଶାସନ ପରିଚାଳନାର ଉତ୍ତର ଦାୟିତ୍ୱ ଥିଲା । ଏ ପ୍ରକାର କୁଶାସନର ପୂର୍ଣ୍ଣ ଉତ୍ତରଦାୟିତ୍ୱ ନବାବଙ୍କର ହିଁ ଥିଲା । ମୋଗଲ ବାଦଶାହଙ୍କୁ ପ୍ରଦତ୍ତ ମାମୁଲି ଅର୍ଥ ବଦଳରେ ସମସ୍ତ ରାଜସ୍ୱ କମ୍ପାନୀ ଆୟର ଏକ ଅନନ୍ୟ ସାଧନ ଥିଲା ।

### ପାଠଗତ ପ୍ରଶ୍ନ ୧୬.୪

୧. ନିଜାମ ତଥା ଦିୱାନୀକୁ ସ୍ପଷ୍ଟ କରନ୍ତୁ ।

..........................................................................................

୨. ଦ୍ୱୈତ୍ୟ ଶାସନ ପ୍ରଣାଳୀର ତାତ୍ପର୍ଯ୍ୟ କ'ଣ ?

..........................................................................................

୩. ଲର୍ଡ କ୍ଲାଇବ ଦ୍ୱୈତ୍ୟ ଶାସନ ପଦ୍ଧତିର ଆରମ୍ଭ କାହିଁକି କଲେ ?


..........................................................................................

---

## ୧୬.୫ ବିସ୍ତାରର ବିଚାରଧାରା-ସାଧନ ଏବଂ ପଦ୍ଧତି


ଏକ ବ୍ୟାପାରିକ କମ୍ପାନୀର ଭୂମିକାକୁ ବଦଳାଇ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଧୀରେ ଧୀରେ ଭାରତର ସର୍ବୋଚ୍ଚ ରାଜନୈତିକ ଶକ୍ତିରେ ପରିଣତ ହେଲା । ଅନ୍ୟ କେତେକ ପ୍ରାଦେଶିକ ଶକ୍ତିମାନେ ମଧ୍ୟ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଅଧୀନ ହୋଇଗଲେ । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହୀଶୁର (ଆଧୁନିକ କର୍ଣ୍ଣାଟକ)ର ମହାନ ଶାସକ ହାଇଦର ଅଲ୍ଲି ତଥା ତାଙ୍କର ପୁତ୍ର ଟିପୁ ସୁଲତାନ ଇଂରେଜ ଫୌଜକୁ ଅସ୍ତବ୍ୟସ୍ତ କରି ପକାଇଲେ । ହାଇଦର ଅଲ୍ଲି ସନ ୧୭୪୯ରେ ମହୀଶୁର ସେନାର ସେନାପତି ଥିଲେ । ୧୭୬୧ରେ ସେ ମହୀଶୁରର ଶାସକ ହେଲେ । ସନ ୧୭୮୫ରେ ସାର ଆୟାର କୁଟଙ୍କ ହାତରେ ପରାଜିତ ହେବା ପର୍ଯ୍ୟନ୍ତ ସେ କମ୍ପାନୀ ବିରୋଧରେ ସଂଘର୍ଷ ଜାରି ରଖିଥିଲେ । ପରିଶେଷରେ ୧୭୯୯ରେ ଟିପୁ ସୁଲତାନଙ୍କ ବୀରଗତି ପ୍ରାପ୍ତି ପରେ ମହୀଶୁର ଉପରେ ଇଂରେଜମାନଙ୍କର ଅଧିକାର ସ୍ଥାପିତ ହୋଇଗଲା । ସନ ୧୭୭୨ ଠାରୁ ୧୮୧୮ ମଧ୍ୟରେ ହୋଇଥିବା ଇଂରେଜ-ମରହଟ୍ଟା ସମର ଚାଲିବା ଫଳରେ ମରହଟ୍ଟା ସାମ୍ରାଜ୍ୟର ଶକ୍ତି ଧୀରେ ଧୀରେ କ୍ଷୀଣ ହୋଇଗଲା । ପରିଶେଷରେ କିଛି ମରହଟ୍ଟା ଅଞ୍ଚଳ ଇଂରେଜମାନଙ୍କ ହାତକୁ ଚାଲିଗଲା । ମରହଟ୍ଟା ତଥା ମହୀଶୁର ଅଭିଯାନରେ ଆର୍ଥର ୱେଲେସଲିଙ୍କ ନେତୃତ୍ୱରେ ଇଂରେଜ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତ (କିଛି ଫରାସୀ ତଥା ସ୍ଥାନୀୟ ଶାସକଙ୍କୁ ବାଦ ଦେଇ) ପଶ୍ଚିମ ଭାରତ ତଥା ପୂର୍ବ ଭାରତର ଭୂଭାଗ ଉପରେ ଆଧିପତ୍ୟ ସ୍ଥାପନା କରିନେଇଥିଲେ ।

ଦ୍ୱିତୀୟ ପଦ୍ଧତି ଥିଲା ଇଂରେଜ ତଥା ସ୍ଥାନୀୟ ଶାସକଙ୍କ ମଧ୍ୟରେ ହୋଇଥିବା ସହାୟକ ସନ୍ଧି । ଏହି ଯୋଜନା ଦ୍ୱାରା ଆସନ୍ତା ସମୟମାନଙ୍କରେ ଦେଶୀୟ ରାଜ୍ୟ କିମ୍ବା ଗଡଜାତ ରାଜ୍ୟମାନଙ୍କର




ମାନଚିତ୍ର ୧୬.୨: ୧୭୯୭-୧୮୦୫ ମଧ୍ୟର ଭାରତ

ପ୍ରତିଷ୍ଠା ହେଲା । ଲର୍ଡ ୱେଲେସଲିଙ୍କ ଦ୍ୱାରା ୧୭୯୮ ମସିହାରେ ସହାୟକ ସନ୍ଧି ପ୍ରସ୍ତାବ ଅଣାଗଲା । ଏହି ସନ୍ଧି ଅନ୍ତର୍ଗତ ଇଂରେଜ ଭାରତୀୟ ଦେଶୀୟ ରାଜ୍ୟମାନଙ୍କର ବହିଃ ଶତ୍ରୁ -ବିପଦ ତଥା ଅନ୍ତର୍ଦ୍ୱନ୍ଦରୁ ରକ୍ଷା କରିବାକୁ ସ୍ୱୀକାର କଲେ । ଏହା ବଦଳରେ ଏହି ସନ୍ଧିକୁ ସ୍ୱୀକାର କରିଥିବା ଭାରତୀୟ ଶାସକମାନଙ୍କୁ ଇଂରେଜ ସୈନ୍ୟ ଦଳର ଛାଉଣୀ କରି




ମାନଚିତ୍ର ୧୬.୩: ୧୮୫୭ର ଭାରତ

ସେମାନଙ୍କ ଦେଖାଶୁଣା ନିମିତ୍ତ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବାଧ୍ୟ କରୁଥିଲେ । ଏହି ସନ୍ଧିରେ ହସ୍ତାକ୍ଷର କରିବା ଶାସକମାନେ ଇଂରେଜମାନଙ୍କର ପୂର୍ବାନୁମତି ବିନା ଅନ୍ୟ କୌଣସି ସନ୍ଧି କରିପାରୁନଥିଲେ ବା ଅନ୍ୟ କୌଣସି ଯୁଦ୍ଧରେ ଭାଗ ନେଇ ପାରୁ ନଥିଲେ । ଏହି ରାଜ୍ୟମାନଙ୍କରେ ଜଣେ ଇଂରେଜ ପଦାଧିକାରୀ (ରେସିଡେଣ୍ଟ)ଙ୍କର ନିଯୁକ୍ତି ହେଉଥିଲା ଏବଂ ସେ ରାଜ୍ୟର ଆନ୍ତରିକ ମାମଲାରେ ହସ୍ତକ୍ଷେପ କରି ପାରୁଥିଲେ । ଏପରି ବ୍ୟବସ୍ଥା ଇଂରେଜମାନଙ୍କ ସମ୍ପ୍ରସାରଣ ପଦ୍ଧତିର ବରଦାନ ସିଦ୍ଧ ହେଲା କାରଣ କୌଣସି ଅର୍ଥ ଖର୍ଚ୍ଚ ବିନା ଇଂରେଜ





ପାଖରେ ଏକ ବିଶାଳ ସେନା ଉପଲବ୍ଧ ହୋଇଗଲା । ଏପରିକି ଏହି ବ୍ୟବସ୍ଥା ଫଳରେ ଭାରତୀୟ ଦରବାରରେ ଅନ୍ୟାନ୍ୟ ବିଦେଶୀ ପ୍ରଭାବକୁ ହଟାଇ ଦିଆଗଲା । ଏହି ସନ୍ଧିରେ ସାମିଲ ହୋଇଥିବା ପ୍ରଥମ ରାଜ୍ୟ ହାଇଦରାବାଦ ଥିଲା । ଏହାର ନିଜାମ ସନ ୧୭୯୮ରେ ଏହି ସନ୍ଧିରେ ସ୍ୱାକ୍ଷର କରିଥିଲେ । ତାଙ୍କ ନିଜ ଦରବାରରୁ ଫରାସୀ ଅଧିକାରୀମାନଙ୍କୁ ବହିଷ୍କାର କରି ସେମାନଙ୍କ ସ୍ଥାନରେ ଇଂରେଜ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାକୁ ବାଧ କରାଗଲା । ସେ ଇଂରେଜ ସେନାର ରକ୍ଷଣାବେକ୍ଷଣ ନିମିତ୍ତ ବେହ୍ଲାରୀ ତଥା କୁଡପ୍ପା କ୍ଷେତ୍ର ଇଂରେଜକୁ ପ୍ରଦାନ କରିଥିଲେ । ଏହି ସନ୍ଧିଟି ଗଡଜାତ ରାଜ୍ୟ (କିମ୍ୱା ଦେଶୀୟ ରାଜ୍ୟ) ସୃଷ୍ଟି କରିଥିଲା । ଏହି ରାଜ୍ୟଗୁଡିକ ମଧ୍ୟରେ କୋଚିନ(୧୭୯୧) ଜୟପୁର(୧୭୯୪), ତ୍ରାଭାଙ୍କର (୧୭୯୫), ହାଇଦରାବାଦ(୧୭୯୮) ଏବଂ ମହୀଶୁର (୧୭୯୯) ପ୍ରମୁଖ ଥିଲେ । ମିଶ୍ରଣ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରେ ସାମିଲ ହୋଇଥିଲେ ପଶ୍ଚିମ ଭୁଭାଗ (ରୋହିଲା ଖଣ୍ଡ, ଗୋରଖପୁର ତଥା ଦୋଆବ) ୧୮୦୧, ଦିଲ୍ଲୀ (୧୮୦୩) ତଥା ସିନ୍ଧୁ (୧୮୪୩) । ସନ ୧୮୪୯ରେ ଆଙ୍ଗଲୋ-ସିଖ ଯୁଦ୍ଧ ପରେ ପଞ୍ଜାବ, ଉତ୍ତର-ପଶ୍ଚିମ-ସୀମା କ୍ଷେତ୍ର ତଥା କାଶ୍ମିରକୁ ଜୟକଲେ । ସନ ୧୭୫୪ରେ ବେରାର ତଥା ୨୨ ବର୍ଷ ପରେ ଅବଧ ରାଜ୍ୟ ମଧ ଇଂରେଜ ରାଜ୍ୟର ଅଂଶ ହୋଇଗଲା । ସହାୟକ ସନ୍ଧି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ ରାଜ୍ୟଗୁଡିକୁ ନିଜ ନିୟନ୍ତ୍ରଣକୁ ଆଣି ଭାରେତରେ ଇଂରେଜ ସାମ୍ରାଜ୍ୟର ବିସ୍ତାର କରିବା ଏବଂ ଫରାସୀମାନଙ୍କର ପ୍ରଭାବ ହ୍ରାସ କରିବା । ଏହା ଫଳରେ ଇଂରେଜ ଭାରତରେ ପ୍ରମୁଖ ରାଜନୈତିକ ଶକ୍ତି ହୋଇଗଲା ।

ଇଂଲଣ୍ଡର ଅଧୀନ ହେବା ପାଇଁ ଶେଷ ରାଜ୍ୟ ଥିଲା ପଞ୍ଜାବ ଓ ତାହା ୧୮୪୯ରେ ଇଂଲଣ୍ଡର ରାଜ୍ୟର ଏକ ଅଂଶ ହୋଇଗଲା । ଏଠାରେ ମହାରାଜା ରଣଜିତ ସିଂଙ୍କର ଶାସନ ଥିଲା । ସେ ବିଭିନ୍ନ ଶିଖ ମିଶଲ ଗୁଡିକୁ ଏକ ରାଜ୍ୟରେ ସଂଗଠିତ କରିଥିଲେ ତଥା ସେ ଆଧୁନିକ ପ୍ରଶାସନ ପଦ୍ଧତି ସ୍ଥାପନା କରିଥିଲେ । ତାଙ୍କର ସେନା ଇଂରେଜ ସେନା-ବ୍ୟତୀତ ଏସିଆର ଦ୍ୱିତୀୟ ବୃହତ୍ତ ସଂଗଠିତ ସେନା ଥିଲା । ଇଷ୍ଟଇଣ୍ଡିଆ କମ୍ପାନୀ ମହାରାଜା ରଣଜିତ ସିଂଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଥିଲେ । କିନ୍ତୁ ୧୮୩୯ରେ ତାଙ୍କର ମୃତ୍ୟୁର ଏକ ଦଶନ୍ଧି ମଧ୍ୟରେ ଦୁଇଟି ଇଂରେଜ-ଶିଖ ସମର ହୋଇଗଲା । ପରିଶେଷରେ ୧୮୪୯ରେ ପଞ୍ଜାବ ମଧ ଇଂରେଜ ରାଜ୍ୟର ଅଂଶ ବିଶେଷ ହୋଇଗଲା ।

ରାଜସତ୍ୱ ଲୋପ ନୀତି ଡେଲହାଉସୀଙ୍କ କୃତ କୁଟନୀତି । ଏହା କମ୍ପାନୀର 'ଅଧିଗ୍ରହଣ' ନୀତି ଥିଲା । ଡେଲହାଉସୀ ୧୮୪୮ରୁ ୧୮୫୬ ମସିହା ମଧ୍ୟରେ ଭାରତର ଗଭର୍ଣ୍ଣର ଜେନେରାଲ ଥିଲେ । ସେ ସମୟରେ ଭାରତୀୟ ରାଜାମାନେ ବଂଶଗତ ପ୍ରାକୃତିକ ଉତ୍ତରାଧିକାରୀ, ଅର୍ଥାତ୍ ପୁତ୍ର ନହେବା ସ୍ଥିତିରେ ନିଜ ରାଜ୍ୟର ସୁରକ୍ଷା ନିମିତ୍ତ ପୋଷ୍ୟପୁତ୍ର ଗ୍ରହଣ ପ୍ରବର୍ତ୍ତିତ ଥିଲା । କିନ୍ତୁ ରାଜସତ୍ୱ ଲୋପ ନୀତି ଅନୁଯାୟୀ ଯେକୌଣସି ଭାରତୀୟ ରାଜ୍ୟ, ସେଗୁଡିକ ଇଂରେଜ ରାଜ୍ୟ ଅଧୀନ ହେଉ କିମ୍ବା ଏହା ଦ୍ୱାରା ବ୍ରିଟିଶ ଅଧିନସ୍ଥ ପ୍ରଣାଳୀର ସହାୟକ ରାଜ୍ୟ ଭାବେ ନିର୍ମିତ ହୋଇଥାଉ, ସେମାନଙ୍କର ଶାସକ ଅକ୍ଷମ ହେବା ସ୍ଥିତି କିମ୍ବା ସେମାନଙ୍କର ପୁତ୍ର ନ ହେବାର ସ୍ଥିତିରେ ବ୍ରିଟିଶ ରାଜ୍ୟର ଅଧୀନ ହେଲା । ଏ ପ୍ରକାର ଭାରତୀୟମାନଙ୍କ ଦ୍ୱାରା ଉତ୍ତରାଧିକାରୀ ଚୟନ କରିବା ସର୍ବୋଚ୍ଚତାକୁ କେବଳ ସମାପ୍ତ କଲାନାହିଁ ପରନ୍ତୁ ଇଂରେଜ ଭାରତୀୟ ଶାସକମାନଙ୍କର ଦକ୍ଷତା ନିର୍ଦ୍ଧାରଣ କ୍ଷମତାକୁ ମଧ ପରିସମାପ୍ତି କଲା ।







ଏପରି ନୀତି ଲାଗୁ କରିବା ସହିତ ଇଂରେଜ ଏହି ଉପମହାଦ୍ୱୀପରେ ପୂର୍ଣ୍ଣ ତଥା ପ୍ରଭାବୀ ପ୍ରଶାସନିକ ନିୟନ୍ତ୍ରଣ ସ୍ଥାପନ କଲା । ଏହି ସିଦ୍ଧାନ୍ତର ଉପଯୋଗ ଦ୍ୱାରା ସତାରା, ଜୟପୁର, ସମ୍ବଲପୁର, ନାଗପୁର ତଥା ଝାନ୍ସି ଭଳି ରାଜ୍ୟଗୁଡ଼ିକୁ ଇଂରେଜ ବିଲୟ କରି ଦେଇଥିଲା । ଅବଶ୍ୟ ଇଂରେଜ ଦ୍ୱାରା ହୋଇଥିବା ରାଜ୍ୟଗୁଡ଼ିକର ଅଧିଗ୍ରହଣକୁ ନ୍ୟାୟ ସଙ୍ଗତ କୁହାଗଲା ଯେ ଶାସକମାନେ ଅଯୋଗ୍ୟ ଥିଲେ ତଥା ପ୍ରଜାମାନଙ୍କର କଲ୍ୟାଣ ପ୍ରତି ନିଜର ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମ ଥିଲେ । ୧୮୫୦ରେ ଅବଧର ନବାବଙ୍କ ସହିତ ଏପରି କରାଯାଇଥିଲା ।

### ପାଠଗତ ପ୍ରଶ୍ନ ୧୬.୫

୧, ଭାରତରେ ଇଂରେଜ ରାଜ୍ୟ ବିସ୍ତାର ନିମିତ୍ତ ଲର୍ଡ ୱେଲେସଲିଙ୍କ ଦ୍ୱାରା କେଉଁ ଉପାୟ ଅବଲମ୍ବନ କରାଯାଇଥିଲା ?

.................................................................................................

୨. ସହାୟକ ସନ୍ଧିକୁ ଆପଣ କ'ଣ ବୁଝୁଛନ୍ତି ?

.................................................................................................

୩. ଲର୍ଡ ଡେଲହାଉସୀଙ୍କ ରାଜ୍ୟ ବିଲୋପ ନୀତିକୁ ସ୍ପଷ୍ଟ କରନ୍ତୁ ।

.................................................................................................

---

## ୧୬.୬ ଔପନିବେଶିକ ପ୍ରଶାସନିକ ପ୍ରଣାଳୀର ବିକାଶ

ସନ ୧୭୫୭ରେ କମ୍ପାନୀ ଏକ ବୃହତ୍ତ ରାଜନୈତିକ ଶକ୍ତି ରୂପେ ପ୍ରତିଷ୍ଠିତ ହେବା ପୂର୍ବରୁ ସାମ୍ବିଧାନିକ ପରିବର୍ତ୍ତନର ଆବଶ୍ୟକତା ଅନୁଭବ ହେଲା । କମ୍ପାନୀର କାର୍ଯ୍ୟକୁ ଅନିୟନ୍ତ୍ରୀତ ଭାବରେ ଛାଡ଼ିବା ପାଇଁ ଇଂରେଜ ସରକାର ଇଚ୍ଛୁକ ନଥିଲେ । ବ୍ୟାପାରି ତଥା ଉତ୍ପାଦକମାନେ କମ୍ପାନୀର ଏକ ଚାଟିଆ ନୀତି ସମାପ୍ତ କରିବା ପାଇଁ ଚାପ ପ୍ରୟୋଗ କଲେ । ସରକାରଙ୍କ ଦ୍ୱାରା ବ୍ୟାପକ ଭ୍ରଷ୍ଟାଚାରକୁ ନେଇ ବଙ୍ଗଳାରେ ଜନତାଙ୍କ ଆକ୍ରୋସ ବହ୍ନି ଥିଲା । 'ମୁକ୍ତ ବ୍ୟାପାର' ମୁଖ୍ୟ ଦାବିଥିଲା । ଇଂରେଜମାନେ ସଂସଦରେ କେତେକ ଅଧିନିୟମ ଲାଗୁ କଲେ ଏବଂ ପ୍ରଥମେ ୧୭୭୩ର ରେଗୁଲେଟିଂ ଆକ୍ଟ ଆସିଲା । ଯାହା କମ୍ପାନୀର ବଣିକମାନଙ୍କର ମୁକ୍ତ ଗତିବିଧି ଉପରେ ଲଗାମ ଲଗାଇବା ପାଇଁ କମ୍ପାନୀର ଅଧିନସ୍ତ କ୍ଷେତ୍ରମାନଙ୍କରେ କିଛି ଆଇନ ଲାଗୁ କରିବା ସମ୍ବନ୍ଧିତ ଥିଲା । ଏଥିରେ କମ୍ପାନୀ ଶାସନର ଅବଧି ୨୦ ବର୍ଷ ପର୍ଯ୍ୟନ୍ତ ସୀମିତ ରଖି ମାତ୍ର ପୁନଃ ପ୍ରବର୍ତ୍ତନ ନିମିତ୍ତ ସମୀକ୍ଷା କରିବା ଏକାନ୍ତ ଅପରିହାର୍ଯ୍ୟ ହେଲେ ଏହି ଅଧିନିୟମରେ ବଙ୍ଗଳା, ମୁମ୍ବଇ ତଥା ମାନ୍ଦ୍ରାଜ କ୍ଷେତ୍ର ଉପରେ ଇଂରେଜ ସରକାରଙ୍କୁ ସର୍ବୋଚ୍ଚ ଅଧିକାର ପ୍ରଦାନ କରିବାରେ ଏହି ଅଧିନିୟମରେ ଉକ୍ତ ତିନୋଟି କ୍ଷେତ୍ରକୁ ବଙ୍ଗଳା ଗଭର୍ଣ୍ଣର ଅଧିନରେ ସଂଯୁକ୍ତ କରି ଭାରତରେ ଏକୀକୃତ ପ୍ରଶାସନ ବ୍ୟବସ୍ଥାର ଶୁଭାରମ୍ଭ କରାଗଲା । ବଙ୍ଗଳାର ଗଭର୍ଣ୍ଣରଙ୍କୁ ଏବେ ଗଭର୍ଣ୍ଣର ଜେନେରାଲ କୁହାଗଲା । ୱାରେନ ହେଷ୍ଟିଙ୍ଗସ ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ ।(୧୭୭୩-୧୭୮୫) ପିଟସ ଇଣ୍ଡିଆ ଆକ୍ଟ(୧୭୮୪)କୁ ଅସମ୍ପୂର୍ଣ୍ଣ





ବ୍ୟବସ୍ଥା କୁହାଯାଉଥିଲା କାରଣ ଏହା ସଂସଦ ତଥା କମ୍ପାନୀର କେତେକ ଅଧିକାରୀମାନଙ୍କ ସହିତ ମଧ୍ୟସ୍ତତା ପାଇଁ ପ୍ରୟାସ କରିଥିଲା । ବୋର୍ଡ-ଅଫ୍-କଣ୍ଟ୍ରୋଲ (ନିୟନ୍ତ୍ରଣ ବୋର୍ଡ) ସ୍ଥାପନା କରି ସଂସଦର ପ୍ରଭାବକୁ ବୃଦ୍ଧି କରାଗଲା, ଯାହାର ସମସ୍ତ ସଦସ୍ୟ ବ୍ରିଟିଶ ମନ୍ତ୍ରୀମଣ୍ଡଳରୁ ବଛା ଯାଉଥିଲା । ଜଣେ ଗଭର୍ଣ୍ଣର ଜେନେରାଲ ଭାବରେ ଲର୍ଡ କର୍ଣ୍ଣୱାଲିସ କମ୍ପାନୀ ପ୍ରଶାସନକୁ ବ୍ୟବସାୟିକ, ଅମଲାତନ୍ତ୍ର ତଥା ଇଉରୋପୀୟ ଢାଞ୍ଚା ପ୍ରଦାନ କଲେ (୧୭୮୬-୧୭୯୩) । ସେ କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ବ୍ୟାପାରକୁ ବେଆଇନ ଘୋଷଣା କଲେ, ବ୍ୟାପାରିକ ତଥା ପ୍ରଶାସନିକ କାର୍ଯ୍ୟକୁ ପୃଥକ କଲେ ତଥା କମ୍ପାନୀ କର୍ମଚାରୀମାନଙ୍କର ବେତନର ସୁଧାର ଆଣିଲେ ।

ରାଜସ୍ୱ ସଂଗ୍ରହ କମ୍ପାନୀର ମୁଖ୍ୟ କାର୍ଯ୍ୟ ହୋଇ ଯାଇଥିଲା । ତେଣୁ ଲର୍ଡ କର୍ଣ୍ଣୱାଲିସ ବଙ୍ଗଳାରେ ଜମିଗୁଡିକର ମାଲିକାନା ଜମିଦାରମାନଙ୍କୁ ପ୍ରଦାନ କଲେ । ଏହା ବଦଳରେ ଜମିଦାରମାନେ ସରକାରଙ୍କୁ ଏକ ନିଶ୍ଚିତ ରାଜସ୍ୱ ଏକ ନିର୍ଦ୍ଧାରିତ ତାରିଖରେ ପଇଠ କରୁଥିଲେ । ଏହି ବ୍ୟବସ୍ଥା ଦୀର୍ଘ ଦିନ ଧରି ଚାଲି ଆସୁଥିଲା । ତେଣୁ ଏହାକୁ ସ୍ଥାୟୀ ବନ୍ଦୋବସ୍ତର ନାମ ଦିଆଗଲା । ଏହି ବ୍ୟବସ୍ଥା ଜମିଦାରୀ ବ୍ୟବସ୍ଥା ନାମରେ ପରିଚିତ । ଏହି ବ୍ୟବସ୍ଥା ତତ୍କାଳିନ ପରିଣାମ ଏପରି ହେଲା ଯେ ଜମିଦାରମାନେ ଭୂମିର ମାଲିକ ହୋଇଗଲେ, କୃଷକ ମାନେ ଜମି ଉପରେ ଭଡାଟିଆ ହୋଇଗଲେ । ପୁଣି ଜମି ଏବେ କିଣା ବିକାର ସମ୍ପତ୍ତି ହୋଇଗଲା ତଥା ଶାସନକୁ କୃଷି ସମ୍ବନ୍ଧିତ ବିସ୍ତାର ତଥା ବିକାଶର ପ୍ରତିବନ୍ଧକ ହେଲା । ସେ ସମୟରେ ମୁମ୍ବଇ ତଥା ମାନ୍ଦ୍ରାଜରେ ରୟତୱାରୀ ବନ୍ଦୋବସ୍ତ ନିୟମ ଅଣାଗଲା ଯେଉଁଥିରେ କୃଷକ ବାର୍ଷିକ ଖଜଣା ସିଧା ସଳଖ ସରକାରଙ୍କୁ ପ୍ରଦାନ କରୁଥିଲେ ।

୧୮୧୩ ଚାର୍ଟର ଆକ୍ଟ ବଳରେ କମ୍ପାନୀର ଭାରତ ସହିତ ଏକାଧିକାର ସମାପ୍ତ ହୋଇଗଲା । ରାଜସ୍ୱ, ପ୍ରଶାସନ ତଥା ନିଯୁକ୍ତି ଇତ୍ୟାଦି କମ୍ପାନୀ ନିୟନ୍ତ୍ରଣରେ ରହିଲା । ୧୮୩୩ ଚାର୍ଟର ଆକ୍ଟ ଦ୍ୱାରା ଚୀନ ସହିତ କମ୍ପାନୀର ବ୍ୟପାର ସମ୍ବନ୍ଧିତ ଏକାଧିକାର ଉଚ୍ଛେଦ ହେଲା । ଏହି ଆକ୍ଟ ପୁଣି ଗଭର୍ଣ୍ଣର ଜେନେରାଲ ତଥା ଏହାର ସହାୟକ ପରିଷଦର ଆଇନ ପ୍ରଣୟନ କ୍ଷମତା ଓ ବିଧାୟୀ ସମନ୍ଧୀ କ୍ଷମତା କାଢ଼ି ନିଆଗଲା ।

ଇଂରେଜ କ୍ଷେତ୍ରରେ ବିସ୍ତାର ତଥା ବର୍ଦ୍ଧିତ ପ୍ରଶାସନିକ ଆବଶ୍ୟକତାକୁ ଦେଖି ଅମଲାତନ୍ତ୍ରର ଆବଶ୍ୟକତା ପଡିଲା । ୧୭୮୫ରେ ଲର୍ଡ କର୍ଣ୍ଣୱାଲିସ କମ୍ପାନୀର ଅଧିକାରୀମାନଙ୍କୁ ଏକ ପେଶାଦାର ସଙ୍ଗଠନରେ ପରିଣତ କଲେ ଯେଉଁଥିରେ ଭଲ ଦରମା ମିଳୁଥିଲା । ସେମାନଙ୍କର ନିଜର ବ୍ୟବସାୟ ନଥିଲା କିମ୍ବା ଶିଳ୍ପର ଉତ୍ପାଦନରେ ସେମାନଙ୍କର କୌଣସି ଭୂମିକା ନଥିଲା । ଏମାନେ ନିୟମିତ ପଦୋନ୍ନତି ତଥା ପେନସନରେ ହକଦାର ହେଉଥିଲେ । ଏଗୁଡିକ ସମସ୍ତ ଉଚ୍ଚପଦସ୍ଥ ଇଂରେଜମାନଙ୍କ ନିମିତ୍ତ ସଂରକ୍ଷିତ ହେଉଥିଲା ଏବଂ ଭାରତୀୟମାନେ ଏଥିରୁ ବଞ୍ଚିତ ଥିଲେ । କର୍ଣ୍ଣୱାଲିସ ବଙ୍ଗଳାରେ ପ୍ରତି ଜିଲ୍ଲାରେ ଇଂରେଜ ନ୍ୟାୟାଧୀଶମାନଙ୍କୁ ତଥା ରାଜସ୍ୱ ସଂଗ୍ରହ ନିମିତ୍ତ ଇଂରେଜ ରାଜସ୍ୱ କଲେକ୍ଟରମାନଙ୍କୁ ନିଯୁକ୍ତି କଲେ । ସନ ୧୮୦୬ରେ କମ୍ପାନୀ ନିଜର ନବ ନିଯୁକ୍ତିପ୍ରାପ୍ତ ଯୁବ କର୍ମଚାରୀମାନଙ୍କୁ ଲଣ୍ଡନ ନିକଟରେ ଥିବା ହ୍ୟାଲିବୋରି କଲେଜରେ ପ୍ରଶିକ୍ଷଣ ଦେଲେ । ନିଯୁକ୍ତିଗୁଡିକ ତଥାପି ସଂରକ୍ଷଣାତ୍ମକ ବ୍ୟବସ୍ଥା ଅନ୍ତର୍ଗତ ହେଉଥିଲା । ସନ ୧୮୨୯ରେ ସମ୍ପୂର୍ଣ୍ଣ ବ୍ରିଟିଶ-ଭାରତରେ ଛୋଟ ଛୋଟ ଜିଲ୍ଲା ସ୍ଥାପନା କରି ଏହି ପ୍ରଣାଳୀକୁ ସୁଦୃଢ଼ କରାଗଲା କାରଣ ଜଣେ ବ୍ୟକ୍ତି ରାଜସ୍ୱ ସଂଗ୍ରାହକ, ବିଚାରପତି ତଥା

ପୋଲିସ ପ୍ରମୁଖ ଦାୟିତ୍ୱ ଇତ୍ୟାଦି ନିର୍ବାହ କରୁଥିଲେ । ସେ ସମ୍ପୂର୍ଣ୍ଣ ନିରଙ୍କୁଶ ଭାବେ କାର୍ଯ୍ୟ କରୁଥିଲେ । ୧୮୩୩ ମସିହା ପରେ କମ୍ପାନୀ ନିଜର ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ପ୍ରତିଯୋଗୀତାମୂଳକ ପରୀକ୍ଷା ଦ୍ୱାରା କର୍ମଚାରୀ ଚୟନ କରୁଥିଲେ । ୧୮୫୩ ମସିହ ପରେ ଏହାର ଚୟନ ଯୋଗ୍ୟତା ଭିତ୍ତିରେ କେବଳ ପରୀକ୍ଷା ଦ୍ୱାରା ସମ୍ପାଦିତ ହେଉଥିଲା । ଏହି ପରୀକ୍ଷାରେ କେବଳ ଇଂରେଜ ଆଶାୟୀ ପ୍ରାର୍ଥୀମାନେ ଭାଗ ନେଇ ପାରୁଥିଲେ । ଇଣ୍ଡିୟାନ ସିଭିଲ ସର୍ଭିସ (୧) ଉଚ୍ଚ ବେତନ ଭୋଗୀ ଥିଲେ (୨) ରାଜନୈତିକ କ୍ଷମତା ଉପଭୋଗ କରୁଥିଲେ ଯାହାକି ସେତେବେଳେ ଇଂଲଣ୍ଡରେ ଥିବା ଅମଲାମାନେ ସେଭଳି କ୍ଷମତା ପ୍ରାପ୍ତ ନଥିଲେ ।

**ପାଠଗତ ପ୍ରଶ୍ନ ୧୬.୬**

୧. ଇଷ୍ଟଇଣ୍ଡିଆ କମ୍ପାନୀର ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ବ୍ରିଟିଶ ସଂସଦ ସର୍ବ ପ୍ରଥମେ କେଉଁ ଅଧିନିୟମ ଲାଗୁ କଲେ ?

..........................................................................................

୨. ବଙ୍ଗଳାର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?

..........................................................................................

୩. ୧୮୩୩ର ଚାର୍ଟର ଆକ୍ଟ ମୁଖ୍ୟ ବିଶେଷତା କ'ଣ ଥିଲା ?

..........................................................................................

୪. ଲଣ୍ଡନ ନିକଟରେ ଥିବା କେଉଁ କଲେଜରେ କମ୍ପାନୀ ଅଧିକାରିମାନଙ୍କର ପ୍ରଶିକ୍ଷଣ ହେଉଥିଲା ?

..........................................................................................

## ୧୬.୭ ନ୍ୟାୟିକ ସଂଗଠନ

ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ଇଂରେଜ ବଙ୍ଗଳା, କଲକତା ତଥା ମୁମ୍ବେଇ ଭଳି ପ୍ରମୁଖ କ୍ଷେତ୍ରମାନଙ୍କରେ ନିଜର ସ୍ଥିତି ସୁଦୃଢ଼ କରିଥିଲା । ଏହା ସହିତ ସେହି ସ୍ଥାନମାନଙ୍କରେ ଇଂରେଜ ନ୍ୟାୟିକ ବ୍ୟବସ୍ଥାର ମଧ୍ୟ ବିକାଶ ହେଲା । ବମ୍ବେ, କଲକତା ଓ ମାନ୍ଦ୍ରାଜରେ ସନ ୧୭୨୭ରେ ଦିଓ୍ୱାନୀ ମକଦ୍ଦମା ନିମିତ୍ତ ମହାପୌର ନ୍ୟାୟାଳୟର ସ୍ଥାପନା ହେଲା । ସନ ୧୭୭୨ରେ ଏକ ବ୍ୟାପକ ନ୍ୟାୟିକ ବ୍ୟବସ୍ଥା, ଯାହାକୁ ଅଦାଲତ କୁହାଗଲା, ଏହା ଦିଓ୍ୱାନୀ ଓ ଫୌଜଦାରୀ ନ୍ୟାୟ କ୍ଷେତ୍ର ପାଇଁ ସ୍ଥାପିତ ହେଲା । ନିଜ ନିଜର ପରମ୍ପରାଗତ ନିୟମ ଜାଣି ପ୍ରମୁଖ ନ୍ୟାୟାଧିଶଙ୍କୁ ସହାୟତା କରିବା ପାଇଁ ଉଭୟ ହିନ୍ଦୁ ପଣ୍ଡିତ ଏବଂ ମୁସଲମାନ କାଜି (ସାରିଆ ଓ ବିଚାରପତି)ମାନଙ୍କୁ ନିଯୁକ୍ତି ଦିଆଗଲା । ମାତ୍ର ବ୍ୟାପକ ଭାବରେ ଇଂରେଜମାନେ ସାଧାରଣ ତଥା ବୌଦ୍ଧିକ ଆଇନ ହିଁ ଲାଗୁ କରୁଥିଲା । ଭାରତରେ ସମ୍ପୂର୍ଣ୍ଣ ଇଂରେଜ ନ୍ୟାୟ ପ୍ରଣାଳୀରେ ଦୁଇଟି ମୂଳ ସିଦ୍ଧାନ୍ତିକ ନିୟମ ନିରୂପିତ ହୋଇଥିଲା । ଆଇନର ଶାସନ (Rule of law) ତଥା ଆଇନର ସମକ୍ଷ ସମାନତା (Equality before law) ଅତଏବ ସିଦ୍ଧାନ୍ତ ଅନୁସାରେ ଆଇନ





ସର୍ବୋପରି ଉର୍ଦ୍ଧ୍ୱରେ ଥିଲା (କିଛି ନିୟମ ଅଧିକାର ବିଶେଷାଧିକାର ତଥା କର୍ତ୍ତବ୍ୟର ବାଖ୍ୟା ହୋଇଥିଲା। ତଥା ସମସ୍ତ ନାଗରିକ ଯେ କୌଣସି ଧର୍ମର ହୋଇଥାନ୍ତୁନା କାହିଁକି, ଜାତି କିମ୍ବା ବର୍ଗ ବିଶେଷରେ ଆଇନ ଆଗରେ ସମସ୍ତେ ସମାନ ଥିଲେ। ପ୍ରତ୍ୟକ୍ଷୀକରଣ ଯାଚିକାର ସିଦ୍ଧାନ୍ତରେ ସ୍ପଷ୍ଟ କରା ହୋଇଥିଲାକି ସ୍ଥାନୀୟ ଅଧିକାରୀ ଅଥବା ନ୍ୟାୟିକ ପ୍ରାଧିକରଣର ଲିଖିତ ଆଦେଶ ବିନା କୌଣସି ବ୍ୟକ୍ତିଙ୍କୁ ଗିରଫ କରି ଜେଲରେ ଭର୍ତ୍ତି କରାଯାଇ ପାରିବ ନାହିଁ। ଏପରିକି ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟର ଆଧାର ଉପରେ ଆଇନ ପରିଧି ମଧ୍ୟରେ ପ୍ରଶ୍ନ କରାଯାଉଥିଲା। ଆଇନର ଶାସନର (Rule of law) ସ୍ୱାଭାବିକ ପରିଣତି ଆଇନର ସମକ୍ଷ ସମାନତା ଥିଲା ଯାହା କାନୁନର ଶାସନ (Rule of law) ର ଅନୁସରଣ କରୁଥିଲା। କାନୁନର ସମକ୍ଷ ସମାନତା ବିଭିନ୍ନ ଜାତିରେ ବାଣ୍ଟି ହୋଇଥିବା ଭାରତୀୟ ସମାଜ ନିମିତ୍ତ ଆଦର୍ଶ ଆଇନ ହୋଇଗଲା।

ରେଗୁଲେଟିଂ ଆକ୍ଟ(୧୭୭୩) ଅନୁଯାୟୀ କାଉନସିଲରେ ସମ୍ରାଟ ଦ୍ୱାରା କଲିକତାର ପ୍ରେସିଡେନସି ସହରରେ ଏକ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥାପନା କରାଗଲା। ଏହି ଅଧିନିୟମ ଅନ୍ତର୍ଗତ ସର୍ବୋଚ୍ଚ ନ୍ୟାୟାଳୟ ପାଖରେ ବଙ୍ଗଳା, ବିହାର ତଥା ଓଡିଶାର ସମସ୍ତ ପ୍ରକାର ନ୍ୟାୟ ପରିଧିକୁ ଦୃଷ୍ଟିଦେବାର ଅଧିକାର ଥିଲା । ଏଥିରେ କେବଳ ଗୋଟିଏ ସର୍ତ୍ତ ଥିଲା ଯେ ସେହି ପରିସ୍ଥିତିରେ ବିବାଦୀୟ ରାଶି ୪୦୦୦ଟଙ୍କାରୁ ଅଧିକ ହେଉଥିଲେ ଏହା ନ୍ୟାୟ ପାଇଁ ଲଣ୍ଡନର ପ୍ରିଭିକାଉନସିଲ୍‌ରେ ଅପିଲ ହୋଇ ପାରୁଥିଲା। ପରିଶେଷରେ ମାଦ୍ରାଜ ତଥା ବମ୍ବେରେ କ୍ରମଶଃ ୧୮୦୧ ଏବଂ ୧୮୨୩ରେ ସର୍ବୋଚ୍ଚ ନ୍ୟାୟଳୟର ସ୍ଥାପନା ହେଲା।

ଲର୍ଡ କର୍ଣ୍ଣୱାଲିସ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ତଥା ନ୍ୟାୟୀକ କାର୍ଯ୍ୟକୁ ଅଲଗା ଅଲଗା କରିଦେଲେ। ସୁଦୂର ଦିୱାନୀ ଅଦାଲତ ଦିୱାନୀ ମାମଲାରେ ଅପିଲ କରିବା ପାଇଁ ସର୍ବୋଚ୍ଚ ସଂସ୍ଥା ଥିଲା ଯାହା ଅଧୀନରେ ଦିୱାନୀ ଅପିଲର ଚାରିଟି ପ୍ରାନ୍ତୀୟ ନ୍ୟାୟାଳୟ କଲିକତା, ଢ଼ାକା, ମୁର୍ଶିଦାବାଦ ତଥା ପାଟଣା ଥିଲା। ତା ପଛକୁ ସ୍ଥାନୀୟ ସ୍ତରରେ ଜିଲ୍ଲା ନ୍ୟାୟଳୟ ରେଜିଷ୍ଟାର ନ୍ୟାୟଳୟତଥା କେତେକ ଅଧିନସ୍ଥ ନ୍ୟାୟଳୟମାନ କ୍ରମାନୁସାରେ ଥିଲା। କେତେକ ଫୌଜଦାରୀ ଅପରାଧ ମାମଲା ସମାଧାନ ପାଇଁ ସରକାର ସକ୍ରିୟ ଥିଲେ। ତେଣୁ ସର୍କିଟ ନ୍ୟାୟାଳୟମାନ କଲିକତା, ଢ଼ାକା, ମୁର୍ଶିଦାବାଦ ତଥା ପାଟଣା ଅଧିନ କ୍ଷେତ୍ରମାନଙ୍କରେ ଥିଲେ ଏବଂ ସେଗୁଡିକ କଲିକାରେ ଥିବା ସଦର ନିଜାମତ ଅଦାଲତ ଦ୍ୱାରା ନିୟନ୍ତ୍ରିତ ହେଉଥିଲା। ସନ ୧୮୩୧ରେ ୱିଲିୟମ ବେଣ୍ଟିକ ଏହି ଚାରିଟି ପ୍ରାନ୍ତିୟ ନ୍ୟାୟଳୟଗୁଡିକ ସମାପ୍ତ କରି ସେମାନଙ୍କର କାର୍ଯ୍ୟକୁ କମିଶନର ତଥା ଜିଲ୍ଲାଧିକାରୀ ମଧ୍ୟରେ ବାଣ୍ଟି ଦେଲେ।

### ପାଠଗତ ପ୍ରଶ୍ନ -୧୬.୭

୧. ଆଇନର ଶାସନ (Rule of law) ତଥା ଆଇନର ସମକ୍ଷ (Equality before law) ସମାନତାକୁ ସ୍ପଷ୍ଟ କରନ୍ତୁ।

.......................................................................................

୨. ସନ ୧୭୭୩ରେ ରେଗୁଲେଟିଂ ଆକ୍ଟ ଅନୁସାରେ କେଉଁ ଜିଲ୍ଲାରେ ସର୍ବୋଚ୍ଚ ନ୍ୟାୟଳୟର ସ୍ଥାପନ ହେଲା ?

.......................................................................................

ଅତଏବ ନିର୍ଯ୍ୟାସ ସ୍ୱରୂପ ଭାରତରେ ଇଂରେଜ ଶାସନ ଭାରତ ଇତିହାସର ମୋଡ ବଦଳାଇ ଦେଲା । ଇଂରେଜମାନେ ଭାରତକୁ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଆସିଥିଲେ । ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ସ୍ଥାପନା ଏସିଆ ବ୍ୟାପାର ଏକାଧିକାରକୁ ନେଇ ଗଠିତ ହୋଇଥିଲା । ଭାରତରେ ବ୍ୟାପାରିକ ଅଧିକାର ପ୍ରାପ୍ତ କରିବା ପାଇଁ, ଇଂରେଜମାନେ କେତେକ ରାଜ୍ୟଗୁଡ଼ିକୁ ଅଧିଗ୍ରହଣ କଲେ ତଥା ନିଜର ନିୟମ ତଥା ନୀତିକୁ ସ୍ଥାପନା କଲେ । ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ଭାରତୀୟ ଉପମହାଦ୍ୱୀପ ଇଂରେଜ ଶାସନାଧୀନ ହୋଇଗଲା । ଯାହାହେଉନା କାହିଁକି ସେମାନଙ୍କର ନୀତି ଭାରତୀୟମାନଙ୍କ ଦ୍ୱାରା ଆଗ୍ରାହ୍ୟ ହେଲା ଏବଂ ସେମାନେ ମିଳିତ ହୋଇ କମ୍ପାନୀ ବିରୋଧରେ ୧୮୫୭ରେ ବିଦ୍ରୋହ କଲେ । ଏହା କମ୍ପାନୀର ସନନ୍ଦକୁ ସମାପ୍ତ କରିଦେଲା ତଥା ଭାରତୀୟ ଶାସନ ବ୍ରିଟେନର ମହାରାଣୀଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ଆସିଗଲା । ୧୮୫୮ରେ ଭାରତରେ ଇଣ୍ଡିଆନ ଗଭର୍ଣ୍ଣମେଣ୍ଟ ଆକ୍ଟ ଫଳରେ ଭାରତ ସରକାର ଅଧିନିୟମ ଅନୁସାରେ କମ୍ପାନୀ ଶାସନ ପରିବର୍ତ୍ତେ ବ୍ରିଟିଶ ରାଜବଂଶ ଶାସନ ଜାରି ହେଲା ।

## ତୁମେ କ'ଣ ଶିଖିଲ

ଆପଣ ଭାରତୀୟ ଉପ ମହାଦ୍ୱୀପ ଉପରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ସ୍ଥାପନା ବିଷୟରେ ପଢ଼ିଲେ । ଆପଣଙ୍କ  ପଢ଼ାରେ କେମିତି ୧୭୫୭ରେ ପଲାସୀ ଯୁଦ୍ଧ ପରେ ବଙ୍ଗଳାର ନବାବ ଇଂରେଜ ସେନା ସମ୍ମୁଖରେ ନିଜ ଅଧିକୃତ ଅଞ୍ଚଳକୁ କ୍ଷେତ୍ରକୁ ସମର୍ପଣ କଲେ ତଥା ସନ ୧୭୬୫ରେ ଯେତେବେଳେ କମ୍ପାନୀକୁ ବଙ୍ଗଳା ତଥା ବିହାରର ଦିୱାନୀ ଅର୍ଥାତ୍ ରାଜସ୍ୱ ସଂଗ୍ରହର ଅଧିକାର ପ୍ରାପ୍ତି ହେଲା ଅଥବା ସନ ୧୭୭୨ରେ ଯେତେବେଳେ କମ୍ପାନୀ କଲିକତାରେ ନିଜର ରାଜଧାନୀ ସ୍ଥାପନା କରି ପ୍ରଥମ ଗଭର୍ଣ୍ଣର ଜେନେରାଲ ୱାରେନହେଷ୍ଟିଂଙ୍କୁ ନିଯୁକ୍ତି କରି ଶାସନରେ ପ୍ରତ୍ୟକ୍ଷ ରୂପେ ଲିପ୍ତ ହୋଇ କିପରି ଇଂରେଜ ଶାସନର ବିସ୍ତାର କଲେ ତାହା ମଧ୍ୟ ପଢ଼ିଲେ । ଏହି ପ୍ରକ୍ରିୟା ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଚାଲିଥିଲା । ଇଂରେଜ ସରକାରଙ୍କର ବିସ୍ତାର ଏବଂ ସଂସ୍ଥାପନାରେ ସହାୟକ ସନ୍ଧି ବ୍ୟବସ୍ଥା ତଥା ଡେଲହାଉସୀଙ୍କର ରାଜ୍ୟ ବିଲୋପ ନୀତି ଅନ୍ତର୍ଗତ ଅଧିଗ୍ରହଣ ନୀତିର ସହାୟ ହେଲା । ଏହି ଅଧ୍ୟାୟରେ ଭାରତରେ ୧୮୫୮ରୁ ପୂର୍ବ ବ୍ରିଟିଶ ପ୍ରଶାସନିକ ତଥା ନ୍ୟାୟିକ ସଂସ୍ଥାଗୁଡିକ ସଂସ୍ଥାପନକୁ ମଧ୍ୟ ପରିବର୍ତ୍ତନ କରିଦେଲା । ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ୧୮୫୮ ପର୍ଯ୍ୟନ୍ତ ଚାଲିଲା ଯେତେବେଳେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ୧୮୫୮ର ପରିଣାମ ସ୍ୱରୂପ ବ୍ରିଟିଶ ସରକାର ଭାରତର ପ୍ରତ୍ୟକ୍ଷ ନିୟନ୍ତ୍ରଣ ନିଜ ହାତକୁ ନେଇନେଲେ ।

## ପଠାନ୍ତ ପ୍ରଶ୍ନ

୧. ଭାରତରେ ଇଂରେଜ ସର୍ବୋଚ୍ଚତା କେମିତି ପ୍ରାପ୍ତ କଲା ?

୨. ଲର୍ଡ ୱେଲେସଲି ବ୍ରିଟିଶ ଶକ୍ତିର ବିସ୍ତାର କିପରି କଲେ ? ସହାୟକ ସନ୍ଧିର ଗୁଣ-ଦୋଷ ଗୁଡିକ ବାଖ୍ୟା କର ।

୩. ଭାରତରେ ଇଂରେଜ ରାଜ୍ୟ ବିସ୍ତାର ନିମିତ୍ତ ଡେଲହାଉସୀଙ୍କ ଦ୍ୱାରା ପ୍ରବର୍ତ୍ତିତ ନୀତିଗୁଡିକର ବିସ୍ତୃତ ବିବରଣୀ ପ୍ରଦାନ କର ।

୪. ଭାରତରେ ବ୍ରିଟିଶ ନ୍ୟାୟିକ ସଂଗଠନଗୁଡିକ ସମ୍ପର୍କରେ ବର୍ଣ୍ଣନା କର ।

## ୧୬.୧ ପାଠଗତ ପ୍ରଶ୍ନର ଉତ୍ତର

୧. ଇଂରେଜମାନେ

(କ) ଯୁଦ୍ଧ ତଥା ବିଜୟ,

(ଖ) ସହାୟକ ସନ୍ଧି ବ୍ୟବସ୍ଥା ତଥା,

(ଗ) ରାଜ୍ୟ ବିଲୋପ ନୀତି ଦ୍ୱାରା ରାଜ୍ୟଗୁଡ଼ିକ ଅଧିଗ୍ରହଣ କରି ବ୍ରିଟିଶ ଶାସନର ବିସ୍ତାର କଲେ ।

୨. ବଙ୍ଗଳା, ମହୀଶୂର, ହାଇଦରାବାଦ୍, ଅବଧ, ପଞ୍ଜାବ ତଥା ମରହଟ୍ଟା ସାମ୍ରାଜ୍ୟ ।

**୧୬.୨**

୧. ଜାନୁଆରୀ ୧୭୬୦ରେ ୱାଣ୍ଡିୱାସ ଯୁଦ୍ଧ

୨. ଇଂରେଜ ସର୍ବୋଚ୍ଚତା ସ୍ଥାପିତ ହେଲା ତଥା ଭାରତୀୟ କ୍ଷେତ୍ରୀୟ ଶକ୍ତିଗୁଡ଼ିକର ନୌ ସୈନିକ ହସ୍ତକ୍ଷେପ ଲାଗି ଅସମର୍ଥତା, ବୃହତ୍ତ ସେନା ହୋଇ ମଧ୍ୟ ଛୋଟ ଇଉରୋପୀୟ ଶକ୍ତିଗୁଡ଼ିକୁ ପ୍ରତିରୋଧ କରିବାକୁ ଅସମର୍ଥ ଇତ୍ୟାଦି ଦୁର୍ବଳତା ଆହୁରି ଅଧିକ ସ୍ପଷ୍ଟ ହୋଇଗଲା ।

୩. ଭାରତରେ ହୋଇଥିବା କର୍ଣ୍ଣାଟ ଯୁଦ୍ଧରେ ଇଂରେଜ ସଫଳତାର ମୁଖ୍ୟ କାରଣ ଥିଲା- ଭାରତରେ ଏହାର ସୁଦୃଢ଼ ନୌଶକ୍ତି, ଉତ୍କୃଷ୍ଟ ନେତୃତ୍ୱ ତଥା ପ୍ରଗତିଶୀଳ ସୈନ୍ୟ ଶକ୍ତି, ଇଂଲଣ୍ଡ ସରକାରଠାରୁ କମ୍ପାନୀକୁ ମିଳିଥିବା ସହଯୋଗ ତଥା ବଙ୍ଗଳାର ସଂସାଧନ ଉପରେ ଅଧିକାର ।

**୧୬.୩**

୧. ସିରାଜ-ଉଦ-ଦୌଲା

୨. (କ) ୧୭୫୭

୩. ଜୁନ୍ ୧୭୫୬ରେ ସିରାଜଉଦୌଲାଙ୍କ କଲିକତା ଫର୍ଟ ଉଇଲିୟମ ଉପରେ ପ୍ରାରମ୍ଭିକ ଆକ୍ରମଣ ତଥା ଦଖଲ ଜୁନ୍ ମାସରେ କଲିକତା, ୧୭୫୬, ୧୭୧୭ରେ ପ୍ରଦତ୍ତ ମୋଗଲ ସାମ୍ରାଜ୍ୟ ବହିଃ ବାଣିଜ୍ୟ ଅନୁମତି (ଦସ୍ତାଙ୍କ)ର ବ୍ରିଟିଶମାନଙ୍କ ଦ୍ୱାରା ଦୁରୁପଯୋଗ, ଇଂରେଜମାନଙ୍କର ନବାବଙ୍କ ଦରବାର ଉପରେ ହସ୍ତକ୍ଷେପ ତଥା ନବାବଙ୍କ ଅନୁମତିବିନା ଫୋର୍ଟ ଉଇଲିୟମ କିଲ୍ଲାରେ ସମର ସଜ୍ଜିତ ତଥା ଶସସ୍ତ୍ରୀକରଣ ।

୪. ମୀର କାଶିମ

୫. ଇଂରେଜ ତଥା ଭାରତୀୟ ବଣିକମାନଙ୍କ ପାଇଁ ସମାନ ବ୍ୟାପାର କର ତଥା ନବାବ ଦ୍ୱାରା ମୁର୍ଶିଦାବାଦରୁ ମୁଙ୍ଗେର ରାଜଧାନୀ ସ୍ଥାନାନ୍ତରଣ ଏବଂ ସେନା ପୁର୍ନସଂଗଠନ, ମୀରକାଶିମଙ୍କୁ ପଦଯୁକ୍ତ କରିବା ମୁଖ୍ୟ କାରଣ ଥିଲା ତାହାର ପରିଣତି, ଶେଷରେ ବକ୍ସର ଯୁଦ୍ଧ ହୋଇଥିଲା ।





**୧୬.୪**

୧. ନିଜାମଙ୍କର ଅଭିପ୍ରାୟ: ଆଇନ ଶୃଙ୍ଖଳାର ପ୍ରଶାସନ ଏବଂ ଫୌଜଦାରୀ ମାମଲାର ବିଚାର । ଦେୱାନୀର ଅର୍ଥ ରାଜସ୍ୱ ପ୍ରଶାସନ ତଥା ନାଗରିକ ନ୍ୟାୟ ।

୨. କମ୍ପାନୀ ଦେୱାନ ହେବା ଫଳରେ ସେ ରାଜସ୍ୱ ସଂଗ୍ରହ କରୁଥିଲା, ନବାବଙ୍କର ଡେପୁଟି ନବାବ ହେବା ଦ୍ୱାରା ନିଜାମତ ବା ପୋଲିସ ଅଥବା ନ୍ୟାୟିକ ଶକ୍ତିର ନିୟନ୍ତ୍ରଣ କରୁଥିଲା ।

୩. କମ୍ପାନୀ ବଙ୍ଗଳାର ପ୍ରଶାସନର ଉତ୍ତର ଦାୟିତ୍ୱ ପ୍ରତ୍ୟକ୍ଷ ରୂପେ ବହନ କରିବାକୁ ଚାହୁଁ ନଥିଲା । ସେମାନେ କେବଳ ରାଜସ୍ୱ ସଂଗ୍ରହ ପାଇଁ ଇଚ୍ଛୁକ ଥିଲେ ।

**୧୬.୫**

୧. ସୈନ୍ୟ ଅଭିଯାନ ତଥା ସହାୟକ ସନ୍ଧି ବ୍ୟବସ୍ଥା ।

୨. ଏହି ବ୍ୟବସ୍ଥା ଦ୍ୱାରା, ଇଂରେଜ ଅଧୀନ ଭାରତୀୟ ଶାସକମାନେ ନିଜ ନିଜ ରାଜ୍ୟରେ ଇଂରେଜ ସେନାକୁ ସୁରକ୍ଷା ନିମିତ୍ତ ରଖିବାକୁ ପଡୁଥିଲା । ତଥା ସେହି ସେନା ନିମିତ୍ତ ଦେୟ (ଅର୍ଥ) ପ୍ରଦାନ କରିବାକୁ ହେଉଥିଲା । ସେହି ରାଜାମାନେ ସେମାନଙ୍କର ବୈଦେଶିକ ବ୍ୟାପାର ବ୍ରିଟିଶମାନଙ୍କ ପାଖରେ ସମର୍ପଣ କରିଦେଇଥିଲେ । ଏହା ପରିବର୍ତ୍ତେ ଇଷ୍ଟଇଣ୍ଡିଆ କମ୍ପାନୀ ସେମାନଙ୍କ ଶତ୍ରୁମାନଙ୍କଠାରୁ ସୁରକ୍ଷା ପ୍ରଦାନ କରୁଥିଲା ।

୩. ରାଜସତ୍ୱ ବିଲୋପ ନୀତି, ଲର୍ଡ ଡେଲହାଉସୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅଧିଗ୍ରହଣ ନୀତି ଥିଲା । ଯେ କୌଣସି ଭାରତୀୟ ରାଜ୍ୟ, ଯେଉଁମାନେ ଇଂରେଜ ଅଧିନସ୍ଥ ବ୍ୟବସ୍ଥାରେ ଦାସ ରାଜ୍ୟ ଭାବରେ ଇଂରେଜର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିଲେ କିମ୍ବା ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ, ଶାସକ ବା ପୁତ୍ର ନ ହେବାର ସ୍ଥିତି ତଥା ସେମାନଙ୍କର ଅକ୍ଷମ ହବାର ସ୍ଥିତିରେ ସେଗୁଡିକ ସ୍ୱତଃ ବ୍ରିଟିଶ ରାଜ୍ୟ ଅଧିନ ହୋଇ ଯାଉଥିଲା ।

**୧୬.୬**

୧. ୧୭୭୩ର ରେଗୁଲେଟିଂ ଏକ୍ଟ

୨. ୱାରେନ ହେଷ୍ଟିଙ୍ଗସ

୩. ୧୮୩୩ର ଚାର୍ଟର ଅଧିନିୟମରେ ଚିନ ବ୍ୟାପାର ଉପରେ କମ୍ପାନୀର ଏକାଧିକାରକୁ ସମାପ୍ତି କରାଗଲା ।

୪. ହେଲିବରି କଲେଜ

**୧୬.୭**

୧. ଆଇନର ଶାସନ (Rule of law) ତଥା ଆଇନର ସମକକ୍ଷ ସମାନତା (Equality before law) ର ଅର୍ଥ ଥିଲା ଯେ ଆଇନଠାରୁ କେହି ବଡ ନୁହନ୍ତି (କିଛି ନିୟମ ଯେଉଁଥିରେ ଅଧିକାର, ବିଶେଷାଧିକାର ତଥା କର୍ତ୍ତବ୍ୟର ବାଖ୍ୟା ହୋଇଅଛି) ତଥା ସମସ୍ତ





ନାଗରିକ ଯେ କୌଣସି ଧର୍ମ, ଜାତି ବା ଅଞ୍ଚଳର ହୁଅନ୍ତୁ ସମସ୍ତେ ଆଇନ ଆଗରେ ସମାନ ଅଟନ୍ତି ।

୨. କଲିକତାର ପ୍ରେସିଡେଣ୍ଟସି ସହର ।

### ପାଠଗତ ପ୍ରଶ୍ନର ସଙ୍କେତ

୧. ଦେଖନ୍ତୁ ଉପଖଣ୍ଡ ୧.୨

୨. ଦେଖନ୍ତୁ ଉପଖଣ୍ଡ ୧.୫ ଅନୁଚ୍ଛେଦ ୧-୨

୧. ଦେଖନ୍ତୁ ଉପଖଣ୍ଡ ୧.୫ ଅନୁଚ୍ଛେଦ ୪

୧. ଦେଖନ୍ତୁ ଉପଖଣ୍ଡ ୧.୭

### ଶବ୍ଦାବଳୀ

୧. **ଇଷ୍ଟଇଣ୍ଡିଆ କମ୍ପାନୀ :** ସନ ୧୬୦୦ରେ ସ୍ଥାପିତ ସଂଯୁକ୍ତ-ସେୟର ଏକ କମ୍ପାନୀ ଥିଲା କାରଣ କମ୍ପାନୀର ବଣିକମାନେ ଭାରତରେ ବାଣିଜ୍ୟ କରିବା ପାଇଁ ଲଣ୍ଡନରୁ ଆସିଥିଲେ । ଆରମ୍ଭରେ ବ୍ୟାପାରରେ ସଂଲଗ୍ନ ଏହି କମ୍ପାନୀ ଭାରତରେ ୧୮୫୮ ପର୍ଯ୍ୟନ୍ତ ଶାସନ କରିଥିଲେ ।

୨. **ଦ୍ୱୈତାତ୍ମକ ଅଥବା ଦୋହରା ପ୍ରଶାସନ :** ବକ୍ସାର ଯୁଦ୍ଧ ପରେ ଏହି ବ୍ୟବସ୍ଥା ବଙ୍ଗଳାରେ ଲାଗୁ ହୋଇଥିଲା । ବଙ୍ଗଳାର ଦିୱାନ ଭାବରେ ରାଜସ୍ୱ ପ୍ରତ୍ୟକ୍ଷ ଅସୁଲ କରୁଥିଲା ଏବଂ ସେହି ସମୟରେ ନିଜାମତ ବା ପୋଲିସ ତଥା ନ୍ୟାୟିକ କ୍ଷମତା ନବାବଙ୍କ ପାଖରେ ଥିଲା ।

୩. **ସହାୟକ ସନ୍ଧି ବ୍ୟବସ୍ଥା :** ଭାରତୀୟ ରାଜ୍ୟଗୁଡିକ ଇଂରେଜ ରାଜ୍ୟରେ ସମ୍ମିଳିତ କରିବା ଉଦ୍ଦେଶ୍ୟରେ ଲର୍ଡ ୱେଲେସଲି ସହାୟକ ସନ୍ଧି ବ୍ୟବସ୍ଥା ଲାଗୁ କଲେ । ଏହି ସିଦ୍ଧାନ୍ତ ଅନୁସାରେ ଇଂରେଜ ଶାସନାଧୀନ ଦେଶୀୟ ରାଜ୍ୟଗୁଡିକ ନିଜ ସେନା ବ୍ୟତୀତ ଇଂରେଜ ସେନାଙ୍କୁ ନିଜ ରାଜ୍ୟର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ରଖିବାକୁ ପଡୁଥିଲା । ନିଜ ନିଜର ବର୍ହି ବ୍ୟାପାରରେ ଏମାନେ ଇଂରେଜ ସରକାରଙ୍କ ପାଖରେ ନିର୍ଭରଶୀଳ ହେବାକୁ ପଡୁଥିଲା । ଏହା ବଦଳରେ ଇଷ୍ଟଇଣ୍ଡିଆ କମ୍ପାନୀ ସେମାନଙ୍କର ପ୍ରତିଦ୍ୱନ୍ଦୀମାନଙ୍କଠାରୁ ରକ୍ଷା କରୁଥିଲେ ।

୪. **ରାଜସତ୍ୱ ଲୋପ ନୀତି :** ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସୀଙ୍କ ଦ୍ୱାରା ପ୍ରସ୍ତାବିତ ରାଜସତ୍ୱ ଲୋପ ନୀତି ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଣିତ ଏକ ଅଧିଗ୍ରହଣ ନୀତି ଥିଲା । ଏହି ସିଦ୍ଧାନ୍ତର ଅନ୍ତର୍ଗତ ଇଂରେଜ ରାଜ୍ୟର ଅଧିନ ସମସ୍ତ ଭାରତୀୟ ରାଜ୍ୟ ସ୍ୱତଃ ଇଂରେଜ ରାଜ୍ୟର ଅଂଶ ହୋଇଯିବେ ଯଦି ସେହି ରାଜ୍ୟମାନଙ୍କର ଶାସକ ଅକ୍ଷମ ହୁଅନ୍ତି ବା ଅଯୋଗ୍ୟ କିମ୍ବା ବିନା ଉତ୍ତରାଧିକାରୀରେ ମୃତ୍ୟୁ ବରଣ କରନ୍ତି ।

୫. **ଚାର୍ଟର ଏକ୍ଟ :** ଇଷ୍ଟଇଣ୍ଡିଆ କମ୍ପାନୀର ଗତିବିଧିକୁ ନିୟନ୍ତ୍ରିତ କରିବା ପାଇଁ ସଂସଦ ଚାର୍ଟର ଏକ୍ଟ ପାରିତ କଲା ଯେଉଁଥିରେ କମ୍ପାନୀକୁ କେତେକ ବ୍ୟାପାରିକ ବିଶେଷାଧିକାର



ନୋଟସ୍



ତଥା ୧୮୫୮ ପର୍ଯ୍ୟନ୍ତ ଭାରତ ଉପରେ ଶାସନ କରିବାର ଅଧିକାର ପ୍ରଦାନ କରାଗଲା । ୧୭୯୩ରେ ପାରିତ ଚାର୍ଟର ଏକ୍ଟ ଅନୁସାରେ କମ୍ପାନୀକୁ ଭାରତରେ ଶାସନ କରିବାକୁ ୨୦ ବର୍ଷ ପାଇଁ ଅଧିକାର ପ୍ରଦାନ କରାଗଲା । ତତ୍‌ପଶ୍ଚାତ୍ କ୍ରମଶଃ ୧୮୧୩,୧୮୩୩ ତଥା ୧୮୫୩ ମାନଙ୍କରେ ଏହି ଅଧିନିୟମର ସଂଶୋଧନ ହୋଇଥିଲା ।

୬. **ଆଇନର ଶାସନ :** ଏହାର ଅର୍ଥ ଆଇନ ସବୁଠାରୁ ଉର୍ଦ୍ଧ୍ୱରେ । କେହି ଆଇନର ଉର୍ଦ୍ଧ୍ୱରେ ନୁହନ୍ତି ଏବଂ ଏହା ସମସ୍ତଙ୍କ ଉପରେ ଲାଗୁ ହୋଇଥାଏ । ସେ ଶାସକ ହେଉନ୍ତୁ କିମ୍ବା ସାଧାରଣ ପ୍ରଜା, ସରକାର କିମ୍ବା ନାଗରିକ, କେହି ବି ଆଇନ ଉପରେ ନୁହନ୍ତି ତଥା ଆଇନରୁ ମୁକ୍ତ କେହି ନୁହନ୍ତି ତଥା ଆଇନ ପରିଧିରେ କେହି ହେଲେ ଛାଡ ପାଇବାର ହକଦାର ନୁହନ୍ତି ।

୭. **ଆଇନର ସମକ୍ଷ ସମାନତା :** ଆଇନର ସମକ୍ଷ ସମାନତା ସିଦ୍ଧାନ୍ତ ଅନୁସାରେ ଆଇନ ଆଗରେ ସମସ୍ତେ ସମାନ ଅଟନ୍ତି, କାହାରିକୁ ବିଶେଷାଧିକାର ପ୍ରାପ୍ତ ହୋଇନଥାଏ । ଆଇନ ସମକକ୍ଷତାରେ ଜାତି, ଧର୍ମ ତଥା ବର୍ଗରୁ ଉର୍ଦ୍ଧ୍ୱରେ ଆଇନ କାର୍ଯ୍ୟକାରୀତାକୁ ଜନ୍ମ ଦେଲା ।